

ନିର୍ବୋଧମାନଙ୍କର ଯୁକ୍ତି ହେଉଛି ପକ୍ଷପାତିତା।
-ଭଲ୍ଟାୟର

## ସଂକ୍ଷେପରେ

### କୋର୍ଟ ପରିସର ସଫେଇ କଲେ ଜଜ୍



କୋରାପୁଟ,୩।୨(ସ୍ୱ.ପ୍ର.): କୋରାପୁଟ କୋର୍ଟ ପରିସରରେ ବିଚାରପତିମାନଙ୍କ ଦ୍ୱାରା ରବିବାର ସ୍ୱଚ୍ଛ ଓ ସବୁଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଏଡିଜେ ହେମନ୍ତ କୁମାର ସେଠୀ, ସବ୍‌ଜଜ୍ ସୌଭାଗ୍ୟ ରଜଂନ ସ୍ୱାଇଁ, ଏସଡିଜେଏମ କ୍ଷେତ୍ରିରଜଂନ ଦାସ. ମୁନସିଫ ଶିଳା ପ୍ରୀୟଦର୍ଶିନୀ, ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗୟାଧର ପାଣିଗ୍ରାହୀଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀମାନେ ସାମିଲ ହୋଇ କୋର୍ଟ ପରିସରରେ ପଡିଥିବା ଶୁଖିଲା ପତ୍ର ସମେତ ଅନ୍ୟ ମଇଳାକୁ ସଫା କରିବା ସହିତ ତାକୁ ନିଆଁ ଲଗାଇ ପୋଡିଥିଲେ । ଆଗାମୀ ଦିନରେ ମଧ୍ୟ ସେମାନଙ୍କ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ପରିବେଶକୁ ସ୍ୱଚ୍ଛ ରଖିବା ସାଙ୍ଗକୁ ସବୁଜ କରିବା ଦିଗରେ ଏପରି କାର୍ଯ୍ୟକ୍ରମ କରାଯାଇଥିବା ଜର୍ଜମାନେ ପ୍ରକାଶ କରିଥିଲେ ।

### ୫ ବର୍ଷ ପରେ ଆରମ୍ଭ ହେଲା ଅଧାପନ୍ତରିଆ କାମ

ଦଶମନ୍ତପୁର,୩।୨(ଡି.ଏନ୍.ଏ): ଦଶମନ୍ତପୁର ବ୍ଲକ୍ ଗିର୍ଲିଗୁମ୍ମା ପଞ୍ଚାୟତ ମୋକାକନ ଗ୍ରାମରେ ୫ ବର୍ଷ ଧରି ଅଧାପନ୍ତରିଆ ହୋଇଥିବା ଅଙ୍ଗନୱାଡ଼ି କାମ ଆରମ୍ଭ ହୋଇଛି। ନିର୍ମାଣକାମ ନ କରି ଠିକାଦାର ଅର୍ଥ ଉଠାଇ ନେଇଯାଇଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ୍ ପ୍ରଶାସନ ତତ୍ପରତା ଦେଖାଇ ନିର୍ମାଣ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ବାକି କାମ ଚାଲିଛି। ଉକ୍ତ ଅଙ୍ଗନୱାଡ଼ିର ବଳକା କାର୍ଯ୍ୟ କରିବା ପାଇଁ ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁ ଗୁମ୍ମା ଗ୍ରାମର ଠିକାଦାର ଉଦୟଚନ୍ଦ୍ର ହିଆଲଙ୍କୁ ଦାୟିତ୍ୱ ଦେଇଥିଲେ।

### ଭବାନୀଙ୍କୁ କଂଗ୍ରେସ ଜିଲା ସମ୍ପାଦକ ଦାୟିତ୍ୱ

କୁନ୍ଦୁରା,୩।୨(ଡି.ଏନ୍.ଏ.):କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ କଂଗ୍ରେସର ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ରଥଙ୍କୁ ଦଳ ଜିଲା ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି ଭବାନୀଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଚୟନ କରିଥିବା ଜିଲା ସଭାନେତ୍ରୀ ମୀନାକ୍ଷି ବାହିନୀପତି ସୂଚନା ଦେଇଛନ୍ତି। ଭବାନୀ ଦୀର୍ଘ ୨୫ ବର୍ଷ ହେବ କଂଗ୍ରେସର ଜଣେ ସକ୍ରିୟ କର୍ମୀଭାବେ ରହି କୁନ୍ଦୁରା ବ୍ଲକ୍‌ରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଆସିଛନ୍ତି। ସେ ବ୍ଲକ୍ ସଭାପତି ତ୍ରିପତି ଗୁରୁ, ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ମାନସିକ ଅନଗ୍ରସର ଯୁବକ ନିଖୋଜ



ନନ୍ଦପୁର,୩।୨(ଡି.ଏନ୍.ଏ.): ଲମତାପୁଟ ବ୍ଲକ୍ ବନମାଳିପୁଟ ପଞ୍ଚାୟତ ଜଡ଼ାପୁଟ ଗ୍ରାମର ମାନସିକ ଅନଗ୍ରସର ଧନୁର୍ଜୟ କିଣ୍ଡାଲ(୨୮) ନିଖୋଜ ଥିବା ନେଇ ତାଙ୍କ ଭାଇ ଲକି ନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ଗତ ମାସ ୨୪ ତାରିଖ ରାତିରେ ପୁଷ୍ ପରବ ଦେଖିବାକୁ ଯାଇ ଧନୁର୍ଜୟ ଆଉ ଘରକୁ ଫେରି ନଥିଲେ। ଏହାପରେ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରାଯାଇ ଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନାହିଁ। ଧନୁର୍ଜୟଙ୍କ କାନକୁ ଶୁଭୁ ନ ଥିବା ଲକି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଜୋରଦାର

ଜୟପୁର,୩।୨(ନି.ପ୍ର./ଡି.ଏନ୍.ଏ.)



ଜିଲାପାଳଙ୍କ ସହ ବିଜେଡି ନେତୃବୃନ୍ଦ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରୁଛନ୍ତି ।

- ଲୋକାର୍ପିତ ହେବ ତେଲିଙ୍ଗିରି ପ୍ରକଳ୍ପ
- ଜୟପୁରରେ ଯୁବ ବାହିନୀ ସମାବେଶ
- ପୌରାଞ୍ଚଳ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ
- ୬୦ ହଜାର ଜନସମାଗମ ହେବ

ଆସନ୍ତା ୫ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲା ଗସ୍ତ କରିବେ। ଏଥିପାଇଁ ଜୟପୁର ସହର ଉପକଣ୍ଠ ବାଙ୍କବିଜ ପଡ଼ିଆରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ଜିଲାର ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ନେଇ ସମାବେଶ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେବା ସହ କୋରାପୁଟ ଜିଲା ପାଇଁ ବହୁ ପ୍ରତିକ୍ଷୀତ ଥିବା ତେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହାସହ ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ରହିଛି ।

ରବିବାର ସମାବେଶ ସ୍ଥଳରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ତଦାରଖ କରିଛନ୍ତି। ଏହାସହ ଜିଲାସ୍ତରୀୟ ଅଧିକାରୀଙ୍କ ପ୍ରସ୍ତୁତି ବୈଠକ କରାଯାଇଛି। ଏଥିରେ ଡିଆରଡିଏ ପିଡି ମହମ୍ମଦ ଅବଦଲ ଅଖତାର, ଏଡିଏମ୍ ଦେବେନ ପ୍ରଧାନ, ଏପିଡି ମହେଶ୍ୱର ନାୟକଙ୍କ ସମେତ ରାସ୍ତା ଓ ଗୃହ ନିର୍ମାଣ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳ ବିଭାଜିକା, ବିଭିନ୍ନ ବ୍ଲକର ବିଡିଓ, ପୌରସଂସ୍ଥା ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଏସ୍‌ପି କନୱର ବିଶାଲ ସିଂ, ଏଏସ୍‌ପି ଭି. ରଘୁନାଥ ରାଓ ଏବଂ ଏସ୍‌ଡିପିଓ ଟି. ଜଗାରେଡ୍ଡି ସୁରକ୍ଷା କର୍ମଚାରୀଙ୍କୁ କେଉଁ ସ୍ଥାନରେ ନିୟୋଜିତ କରାଯିବ, ତାହାର ତଦାରଖ କରିଥିଲେ । ଏହି ସମାବେଶରେ ପ୍ରାୟ ୬୦ ହଜାର ଲୋକଙ୍କ ସମାଗମ ହେବ । ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ୭ଟି ସ୍ଥାନରେ ପାର୍କିଂ ସୁବିଧା କରାଯାଇଛି। କୋରାପୁଟ ଜିଲା ପାଇଁ ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ସମାବେଶ ସ୍ଥଳକୁ ଯାଇ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ଣ ୨ଟାରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ନବରଙ୍ଗପୁର ଜିଲାରୁ ଜୟପୁର ସଭାସ୍ଥଳ ନିକଟସ୍ଥ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ପ୍ରଥମେ ସେ ତେଲିଙ୍ଗିରି ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ କରିବା ପରେ ୪ଟି ଜିଲା ପୌରାଞ୍ଚଳର ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରାଯିବ । ଏହାପରେ ୪ଟି ଜିଲାର ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାପରେ ବଲିଉଡ୍ ଗାୟକ ସୋନୁ ନିଗମଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ହରିୟାଣାର ଗୁରୁଗାଁଓ ସ୍ଥିତ ଟେଣ୍ଟ ହାଉସ କାର୍ଯ୍ୟକ୍ରମ ପାଇଁ ତିନୋଟି ବଡ଼ ଟେଣ୍ଟ ତିଆରି କରୁଛି। କଟକର ଏକ ସଂସ୍ଥା ସାଉଣ୍ଡ ଏବଂ ଲାଇଟ ବ୍ୟବସ୍ଥା କରିଛି।

## ହାଇଦରାବାଦରେ ଦାଦନ ଖଟୁଛନ୍ତି ରଘୁ

- ଫେରିବା ଅପେକ୍ଷାରେ ପରିବାର

ଦଶମନ୍ତପୁର,୩।୨(ଡି.ଏନ୍.ଏ)



- ଠିକାଦାର ଦେଢ଼ବର୍ଷ ହେଲା ଯୋଗାଯୋଗ କରାଇଦେଉ ନ ଥିବା ଅଭିଯୋଗ
- ଏସ୍‌ପିଙ୍କ ଦ୍ୱାରସ୍ଥ ହେବେ ପରିବାର

ଦଶମନ୍ତପୁର ବ୍ଲକ୍ ଅଧୀନ ପି. ବେଡ଼ାପଦର ପଞ୍ଚାୟତ ନୂଆଗୁଡ଼ାର ରଘୁ ସାଉନ୍ତା ଦେଢ଼ବର୍ଷ ହେଲା ହାଇଦରାବାଦ କାମ କରିବାକୁ ଯାଇ ଆଉ ଫେରିନାହାନ୍ତି। ମଙ୍ଗରାଜଗୁଡ଼ା ଗ୍ରାମର ଦୁଇ ଠିକାଦାର ମାଙ୍ଗତୁ ମୁଦୁଲି ଏବଂ ଧବଲୁ ମୁଦୁଲି ରଘୁଙ୍କୁ ଦାଦନ ଘଟାଇବାକୁ ନେଇଥିବା ତାଙ୍କ ସ୍ତ୍ରୀ କୁନ୍ଦ ଏବଂ ପୁଅ ରମେଶ ଅଭିଯୋଗ କରିଛନ୍ତି। ରଘୁଙ୍କ ସହିତ କଥାକରାଇ ଦେବାକୁ ଠିକାଦାରଙ୍କୁ କହିଲେ କୌଣସି ସୁଫଳ ମିଳୁ ନ ଥିବା ଭଉଣୀ ଗୁର ମିଣିଆକା କହିଛନ୍ତି। ଏପରି କି ଠିକାଦାରଙ୍କଠୁ ଧମକଚମକ ମିଳିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପରିବାର ଚଳାଇବା ପାଇଁ କେହି ରୋଜଗାର କରିବାକୁ ନ ଥିବାରୁ ଷଷ୍ଠ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ ରମେଶ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି। ଏପରିକି ବାପା ଘରକୁ ନ ଫେରିଲେ ପାଠପଢ଼ା ଛାଡିଦେବାକୁ ରମେଶ କହିଛନ୍ତି। ନୂଆପଡ଼ା ଏବଂ ଆଖପାଖ ଅଞ୍ଚଳରୁ ୪୦ ଜଣ ହାଇଦରାବାଦରେ କାମ କରୁଥିବା ସୂଚନା ରହିଛି। ରଘୁଙ୍କୁ ଖୁବଶୀଘ୍ର ଫେରାଇ ନ ଆଣିଲେ ସ୍ଥାନୀୟ ଥାନା ଏବଂ କୋରାପୁଟ ଏସ୍‌ପିଙ୍କ ଦ୍ୱାରସ୍ଥ ହେବେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଉକ୍ତ ଅଞ୍ଚଳରେ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ସୁରକ୍ଷା ପ୍ରତି ଠିକାଦାରମାନେ ସମ୍ବେଦନଶୀଳ ନ ଥିବା ଅଭିଯୋଗ ହୋଇଛି।

## ଆଦର୍ଶ ଡିଗ୍ରୀ କଲେଜ ଭିତ୍ତି ଦେଲେ ପ୍ରଧାନମନ୍ତ୍ରୀ

କୋରାପୁଟ,୩।୨(ସ୍ୱ.ପ୍ର.)

**ଭିଡିଓ କନଫରେନ୍ସିଂରେ ଭିତ୍ତିପ୍ରସ୍ତର ସ୍ଥାପନ**



ଭିଡିଓ କନ୍‌ଫରେନ୍ସିଂରେ ଉପସ୍ଥିତ ନେତା ଓ ଅଧିକାରୀ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭିଡିଓ କନଫରେନ୍ସିଂ ଦ୍ୱାରା କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦଲେଇଗୁଡ଼ା ପଞ୍ଚାୟତ ଡୋଲିଆମ୍ବ ଗ୍ରାମ ନିକଟରେ ୧୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଆଦର୍ଶ ଡିଗ୍ରୀ କଲେଜର ଶୁଭାରମ୍ଭ କରିଛନ୍ତି। ଭିଡିଓ କନଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୋରାପୁଟ ସରକାରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏମ୍‌ପି ଝିନ୍ନ ହିକକା, ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କହଁର ଉପସ୍ଥିତ ଥିଲେ। କେନ୍ଦ୍ର ମାନବ ସମ୍ବଳ ବିଭାଗ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପକ୍ଷରୁ ଦେଶର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ତଥା ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ଲକ୍ଷ୍ୟ ରଖି ଏହି ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

## 'ଜିଲାର ସମସ୍ୟା ସମାଧାନ କରି ଗସ୍ତ କରନ୍ତୁ ମୁଖ୍ୟମନ୍ତ୍ରୀ'

ଜୟପୁର,୩।୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ରହିଥିବା ବିଭିନ୍ନ ସମସ୍ୟା ତୁରନ୍ତ ସମାଧାନ କରିବା ସହ ବିଭିନ୍ନ ଯୁକ୍ତିଯୁକ୍ତ ଦାବି ପୂରଣ କରନ୍ତୁ ମୁଖ୍ୟମନ୍ତ୍ରୀ। ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ର ରବିବାର ଜିଲା କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ଦାବି କରିଛନ୍ତି। ଜିଲାରେ ୫୦ ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାକୁ ଲାଗିଛି । ସେହିପରି ଡାକ୍ତର ପଦବୀ ମଧ୍ୟ ସମପରିମାଣରେ ଅଭାବ ରହିଛି। ସେହିପରି ଜିଲା ଚିକିତ୍ସାଳୟ ସମେତ ଅନ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ନିୟମିତ ଭାବେ କାର୍ଯ୍ୟ କରୁନାହିଁ। ରାଜ୍ୟର ବୃହତ୍ତମ ବ୍ଲକ ବୋରିଗୁମ୍ମା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସେହିପରି ଶବବାହକ ବାହନ ନାହିଁ। ଜିଲାର ରାସ୍ତାଘାଟର ଅବସ୍ଥା ଦୟନୀୟ ହୋଇପଡ଼ିଛି । ତେଲିଙ୍ଗିରି ପ୍ରକଳ୍ପରୁ ଜଳସେଚନ ବ୍ୟବସ୍ଥା ପାଇଁ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଏହାକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଉଛି । ତେଣୁ ଜିଲାର ସମସ୍ୟା ସମାଧାନ କରିବା ପରେ ସେ ଏଠାକୁ ଗସ୍ତ କରନ୍ତୁ। ନଚେତ୍ କଂଗ୍ରେସ ତାଙ୍କ ଗସ୍ତକୁ ବିରୋଧ କରିବ।

## ଡୁମୁରି ଘାଟି ସାହିରେ ବିଦ୍ୟୁତ୍ ଆଲୋକ ସ୍ୱପ୍ନ

ଦଶମନ୍ତପୁର,୩।୨(ଡି.ଏନ୍.ଏ)

ଦଶମନ୍ତପୁର ବ୍ଲକ୍ ଅଧୀନ ଚିକାମ୍ବ ପଞ୍ଚାୟତ ଉପର ଗୋଦଲା ଗ୍ରାମର ଡୁମୁରିଘାଟି ସାହିରେ ବିଦ୍ୟୁତ୍ ଆଲୋକ ସ୍ୱପ୍ନ ପାଲଟିଛି। ଉକ୍ତ ସାହିରେ ୭ଟି ଶୁଣ୍ଢି ଏବଂ ଆଦିବାସୀ ଶ୍ରେଣୀର ପରିବାର ବାସ କରୁଥିବାବେଳେ ସରକାରଙ୍କ ବିଦ୍ୟୁତୀକରଣ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ପ୍ରତି ଗାଁରେ ବିଦ୍ୟୁତ୍ ସଂଯୋଗ କରିବା ନେଇ ଠିକାଦାର କାମ ଆରମ୍ଭ କରିଥିବା ବେଳେ ଆମ ସାହିରେ କ'ଣ ପାଇଁ ବିଦ୍ୟୁତ୍ ସଂଯୋଗ ହେବ ନାହିଁ ବୋଲିବାସିନ୍ଦା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗ, ପ୍ରଶାସନ ଏବଂ ଜନପ୍ରତିନିଧିଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ଆଲୁଅ ନ ଥିବାରୁ ପିଲାମାନେ ସନ୍ଧ୍ୟାରେ ପାଠପଢ଼ିବାକୁ ଅରାଜି ହେଉଥିବା ଜଗନ୍ନାଥ ବିଷୋଇ, ଚରଣ ବିଷୋଇ, ଶମ୍ଭୁନାଥ ବିଷୋଇ, ନୀଳାମ୍ବର ବିଷୋଇ, ଭୀମ ବିଷୋଇ , ଭିଙ୍ଗୁ ଜାନି ଏବଂ ନେପାଳିବତୀ ବିଷୋଇ ଅଭିଯୋଗ କରିଛନ୍ତି। ଉକ୍ତ ସାହିରେ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବାକୁ ବ୍ୟବସ୍ଥା କରିବା ପାଇଁ ଏମ୍‌ପି ଝିନ୍ନ ହିକ୍କା ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ୍‌ବିଭାଗ କର୍ମଚାରୀ ମୋହନ ପୂଜାରୀ ଏବଂ ସଞ୍ଜୟ ଭଦ୍ରା ଅଳ୍ପଦିନ ଭିତରେ ଉକ୍ତ ସାହିରେ ୭ଟି ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଛନ୍ତି। ସାହିର ସମସ୍ୟା ସମ୍ପର୍କରେ ପଦକ୍ଷେପ ନିଆ ନ ଗଲେ ଆସନ୍ତା ନିର୍ବାଚନ ବର୍ଜନ କରିବେ ବୋଲି ବାସିନ୍ଦା ଚେତାବନୀ ଦେଇଛନ୍ତି।



ବିଜୁଳି ଆଲୁଅରୁ ବଞ୍ଚିତ ଡୁମୁରି ଘାଟି ସାହିର ବାସିନ୍ଦା ।

## ଆଦିବାସୀ ମାନ୍ୟତା ପାଇଁ ତଥ୍ୟ ସଂଗ୍ରହ



ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି ତହସିଲଦାର ଏବଂ ଅନ୍ୟମାନେ ।

ନନ୍ଦପୁର,୩।୨(ଡି.ଏନ୍.ଏ.)

ନନ୍ଦପୁର ବ୍ଲକ ଚଟୁଆ, ଗଲୁର, ପରଜାବଡ଼ପଡା, ଚଟୁଆର ମାଲିଦୋକାନ ଛକ, ପାନଥଲୁଙ୍ଗ ପଞ୍ଚାୟତର ପୂଜାରୀପୁଟ, କୁଲାରସିଂ ପଞ୍ଚାୟତର କଣ୍ଟା ଗ୍ରାମରେ ଶନିବାର ତହସିଲଦାର ଦେବବ୍ରତ କରାତି ଏବଂ ରାଜସ୍ୱ ପରିଦର୍ଶକ ରାମଚନ୍ଦ୍ର ବେହେରା ବିଭିନ୍ନ ସମ୍ପ୍ରଦାୟର ପର୍ବପର୍ବାଣି, ପରମ୍ପରା ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି। ଆଗକୁ ଅନ୍ୟ ସମ୍ପ୍ରଦାୟର ମଧ୍ୟ ତଥ୍ୟ ସଂଗ୍ରହ କରି ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯିବ। ତହସିଲଦାର ରିପୋର୍ଟ ସଂଗ୍ରହ କରିବା ବେଳେ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ଚଟୁଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଗୋଲରୀ, ଧନାନନ୍ଦ ଗୁଣ୍ଟା, ଜଗବନ୍ଧୁ ପୂଜାରୀ, ବିଶ୍ୱନାଥ ପ୍ରଧାନୀ, ମଣି ସେଠୀ, ଅନନ୍ତ ଖରା, ଆରାୟା ସେଠୀ, ନାଗେଶ୍ୱର ପୂଜାରୀ, ସୁବାରାଓ ପାଙ୍ଗି, ବଳରାମ ହନ୍ତାଳ ଏଥିରେ ସହଯୋଗ କରିଥିଲେ। କୋରାପୁଟ ଜିଲାର ବିଭିନ୍ନ ସମ୍ପ୍ରଦାୟକୁ ହିଲ୍ ଟ୍ରାଇବ ମାନ୍ୟତା ପାଇଁ ଏହି ରିପୋର୍ଟ ସଂଗ୍ରହ କରାଯାଉଛି। ଏଥିରେ ଓଡ଼ିଶା ହିଲ୍ ଟ୍ରାଇବ୍ ବିକାଶ ପରିଷଦ ସଭାପତି ଜଗନ୍ନାଥ ପାଙ୍ଗି, ରଣା ସମାଜର ଜିଲା ସଭାପତି ଡମ୍ବରୁ ରାମସିଂହ, ବ୍ଲକ ସଭାପତି ରାମେଶ୍ୱର ଦୋରା, ମଧୁ ଦୋରା, ଓଡ଼ିଶା ହିଲଟ୍ରାଇବ୍ ସମ୍ପାଦକ ଗୋପାଳ ମାଟାମ, କାମୟ ପାଙ୍ଗି ଉପସ୍ଥିତ ଥିଲେ। ଏହି ରିପୋର୍ଟ ସଂଗ୍ରହ କରାଯିବା ପରେ ଆନ୍ଧ୍ରପ୍ରଦେଶ ପରି ଏଠାରେ ମଧ୍ୟ ବିଭିନ୍ନ ସମ୍ପ୍ରଦାୟର ଲୋକେ ଆଦିବାସୀ ମାନ୍ୟତା ପାଇବା ଆଶା ସଂଚାର ହୋଇଛି।

## ଜେଜେବାପା ଜେଜେମା' ସମ୍ମିଳନୀ

କୋରାପୁଟ,୩।୨(ସ୍ୱ.ପ୍ର.)

କୋରାପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଜେଜେବାପା ଓ ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ସଭାପତି ସୁବାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାରାୟଣ ପଣ୍ଡା, ପଦ୍ମା ଶାସ୍ତ୍ରୀ ଯୋଗଦେଇ କହିଥିଲେ, ଜେଜେବାପା ଓ ଜେଜେମାଆଙ୍କ ସହ ନିବିଡ଼ତା ବୃଦ୍ଧି ପାଇବା ସହ ପିଲାମାନେ ସେମାନଙ୍କ ବଂଶଧରଙ୍କ ନାମ ମନେ ରଖିବାରେ ସହାୟକ ହେବ। ପ୍ରାୟ ୫୦ ଜଣ ଛାତ୍ରୀଛାତ୍ରଙ୍କ ଜେଜେମାଆ ଓ ଜେଜେବାପା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା, ବିଦ୍ୟାଳୟ କମିଟି ଉପସଭାପତି ଦିଲ୍ଲିପ ପ୍ରଧାନ, ସଂପାଦକ ପ୍ରଭାତ ମାଝି, ସଦସ୍ୟା ଭାରତୀ ତ୍ରିପାଠୀ, ସସ୍ମିତା ମହାପାତ୍ର ଉପସ୍ଥିତ ଥିଲେ। ଦ୍ରୌପଦୀ ପ୍ରଧାନ, ସଂଯୁକ୍ତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ବୈଦିକ ଗଣିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମାଥାଲପୁଟ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଶ୍ରୀକାନ୍ତ ମଲ୍ଲିକ, କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଶ୍ୟାମସୁନ୍ଦର ନାୟକ ବୈଦିକ ଗଣିତ ଶିକ୍ଷା ଦେଇଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ବିଜେଡି କାଉନ୍‌ସିଲର ହତ୍ୟା ମାମଲା: ଆଉ ଜଣେ ଗିରଫ

ଛତ୍ରପୁର,୩।୨(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା ମାମଲାରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୋଲସରା ଥାନା ପାଣ୍ଡିରିପଡା ଗାଁର ସୁବ୍ରତ ପଟ୍ଟନାୟକ ଓରଫ ଲକି ଓରଫ ମାଷ୍ଟର। ସୁବ୍ରତ ଛତ୍ରପୁର ଏନଏସି ପୁଡିଗୋପାଳପୁରରେ ରହୁଥିଲେ। ତାଙ୍କୁ ଛତ୍ରପୁରରୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି । ଏହି ମାମଲାରେ ପୂର୍ବରୁ ୧୮ ଜଣଙ୍କୁ ଗିରଫ କରାଯାଇଥିଲା । ଶୁକ୍ରବାର ପୁଣି ୩ ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚୁରା କରିଥିଲା। ସେମାନଙ୍କ ମଧ୍ୟରୁ ସୁବ୍ରତଙ୍କୁ ଗିରଫ କରାଯାଇଛି। ଫଳରେ ଲକ୍ଷ୍ମୀଦତ୍ତ ହତ୍ୟା ମାମଲାରେ ଗିରଫ ସଂଖ୍ୟା ଏବେ ୧୯ରେ ପହଞ୍ଚିଛି।

- ଡେପୁଟେଶନ ନିର୍ଦ୍ଦେଶର ୨ମାସ ବିତିଲାଣି

## ପ୍ରଧାନଶିକ୍ଷକ ଦାୟିତ୍ୱ ନେଉନାହାନ୍ତି ଶିକ୍ଷକ

ଜୟପୁର,୩।୨(ଡି.ଏନ୍.ଏ.)

ଜୟପୁର ସହର ଚନ୍ଦନବାଡ଼ ସାହି ସ୍ଥିତ ୨ନଂ ପୌର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୩ ଜଣ ଶିକ୍ଷୟିତ୍ରୀ ଓ ଜଣେ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ଦ୍ୱାରା ଚାଲିଛି। ୨୦୧୭ ସେପ୍ଟେମ୍ବର ୩୦ରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏଠାରୁ ଅବସର ନେବା ପରେ ଅନ୍ୟ କାହାକୁ ସେହି ପଦବୀରେ ନିଯୁକ୍ତି ଦିଆଯାଇ ନାହିଁ । ଜଣେ ଜୁନିୟର ସହକାରୀ ଶିକ୍ଷୟିତ୍ରୀ ଏହି ଦାୟିତ୍ୱରେ ରହିଛନ୍ତି। ଗତ ଡିସେମ୍ବର ୫ରେ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଡିଇଓଙ୍କ ଚିଠି ନମ୍ବର ୬୬୯୨ ଅନୁଯାୟୀ ତୁରନ୍ତ ରିଲିଭ କରାଯାଇଛି । ତାଙ୍କ ସ୍ଥାନରେ ଜଣେ ବରିଷ୍ଠ ଶିକ୍ଷକଙ୍କୁ ଏଠାକୁ ବଦଳି କିମ୍ବା ଡେପୁଟେସନରେ ଅଣାଯିବା ସହ ତାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦେବା ପାଇଁ ଅଭିଭାବକ ଦାବି କରିଥିଲେ। ଜିଲା ଶିକ୍ଷାଧିକାରୀଙ୍କ ଚିଠି ନମ୍ବର ୬୬୯୫/୩-୧୨-୧୮ ଅନୁଯାୟୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ରଙ୍କୁ ଡେପୁଟେସନରେ ଅଣାଯାଇଛି । କିନ୍ତୁ ୨ ମାସ ହେଲାଣି ସେ ରିଲିଭ ହୋଇନାହାନ୍ତି କି ଏଠାରେ ଯୋଗ ଦେଇନାହାନ୍ତି। ଆଗକୁ ପରୀକ୍ଷା ଥିବାବେଳେ ୫ଟି ଶ୍ରେଣୀ ପାଇଁ ୩ ଜଣ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପାଠପଢ଼ା କିଭଳି ଚାଲିଥିବ, ଏଥିରୁ ଅନୁମାନ କରିହେଉଛି। ୨ ଜଣ ନିମନ୍ତ୍ରିତ ଶିକ୍ଷକ ଦୈନିକ ଗୋଟିଏ କିମ୍ବା ଦୁଇଟି ପିରିଅଡ ପଢ଼ାଉଛନ୍ତି । ହିନ୍ଦୀ କିମ୍ବା ସଂସ୍କୃତ ଶିକ୍ଷକ ନ ଥିବା ବେଳେ ୨ଜଣ ବିଜ୍ଞାନ ଏବଂ ଜଣେ କଳା ଶିକ୍ଷୟିତ୍ରୀ ରହିଛନ୍ତି । ଏହି ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୧୬୭ ଜଣ ଛାତ୍ର ରହିଛନ୍ତି। ଶିକ୍ଷକ ଅଭାବ ଓ ପ୍ରଧାନଶିକ୍ଷକ ନିଯୁକ୍ତି ନ ଥିବା ଯୋଗୁଁ ବିଦ୍ୟାଳୟରେ ଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି । ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ ଯେ ଆଗାମୀ ନିର୍ବାଚନ ପାଇଁ ଜିଲାପାଳ କୌଣସି ଶିକ୍ଷକଙ୍କୁ ସ୍ଥାନାନ୍ତର କରିବାକୁ ମନା କରିଛନ୍ତି। ଏହି ବିଦ୍ୟାଳୟ କଥା ସେ ପଚାରି ବୁଝିବେ ବୋଲି କହିଛନ୍ତି।

## ପ୍ରତିଶ୍ରୁତିରେ ଚିନ୍ତାଗୁଡ଼ା ଜଳପ୍ରକଳ୍ପ

ବନ୍ଧୁଗାଁ, ୩।୨(ଡି.ଏନ୍.ଏ.)

- ଚିନ୍ତାରେ ଚାଷୀ
- ନିର୍ବାଚନରେ ଜବାବ ଦେବାକୁ ଚେତାବନୀ

ନାରାୟଣପାଟଣା ଏବଂ ବନ୍ଧୁଗାଁ ବ୍ଲକ୍ ମଧ୍ୟ ଦେଇ ଝଞ୍ଜାବତୀ ନଦୀ ବହିଯାଉଛି। ଏହାର ତଳ ମୁଣ୍ଡରେ ଆନ୍ଧ୍ର ସରକାର ମେଗା ପ୍ରକଳ୍ପ ନିର୍ମାଣ କରି ହଜାର ହଜାର ଏକର ଜମିରେ ଜଳସେଚନ କରୁଛି। କିନ୍ତୁ ଓଡ଼ିଶା ସରକାର କୌଣସି ପଦକ୍ଷେପ ନ ନେବା ଯୋଗୁ ଜମିରେ ଜଳମାଡ଼ି ପାରୁନାହିଁ। ଅନେକ ସମୟରେ ଚାଷୀ ମରୁଡିର ସମ୍ମୁଖୀନ ହେଉଛି। ଗତ ଲକ୍ଷ୍ମୀପୁର ଉପନିର୍ବାଚନରେ ସରକାର ବନ୍ଧୁଗାଁ ଚାଷୀଙ୍କୁ ଝଞ୍ଜାବତୀ ନଦୀରେ ଚିନ୍ତାଗୁଡ଼ା ମେଗା ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ତାହା ଆଜି ଯାଏ ପୂରଣ ହୋଇନାହିଁ। ନିର୍ବାଚନ ସମୟରେ ନେତାମାନେ ଉକ୍ତ ଅଞ୍ଚଳ ଗସ୍ତକରି ଜନତାଙ୍କୁ ପ୍ରତିଶ୍ରୁତିରେ ପୋତି ପକାଉଛନ୍ତି। ହେଲେ ନିର୍ବାଚନ ସରିଗଲେ ସେମାନଙ୍କ ଚେହେରା ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଏବେ ଉକ୍ତ ପ୍ରକଳ୍ପ କାମ ଆରମ୍ଭ ନେଇ ନାରାୟଣପାଟଣା ଏବଂ ବନ୍ଧୁଗାଁ ଦୁଇ ବ୍ଲକ୍‌ର ଚାଷୀ ସନ୍ଦେହରେ ଅଛନ୍ତି। ପ୍ରାୟ ୫ ହଜାର ଏକର ଜମିରେ ଜଳସେଚନ ହେବାକୁ ପ୍ରତିଶ୍ରୁତିରେ ଥିବା ଏହି ପ୍ରକଳ୍ପ କାମ କେବେ ହେବ ବୋଲି ଅଞ୍ଚଳର ଚାଷୀ ପ୍ରଶ୍ନ କରିଛନ୍ତି। ନଦୀଜଳ ଅଭାବ ନ ଥାଇ ମଧ୍ୟ ଜମିରେ ଜଳ ମାଡ଼ିପାରୁ ନ ଥିବାରୁ ଚାଷୀ ନିରାଶରେ ରହୁଛନ୍ତି। ବାଧ୍ୟ ହୋଇ ଦାଦନ ଖଟିବାକୁ ଯାଉଛନ୍ତି। ଅନେକ ଚାଷୀ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଯଦି ପ୍ରକଳ୍ପ କାମ ଆରମ୍ଭ ନ ହୁଏ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଆଗାମୀ ନିର୍ବାଚନରେ ଜବାବ ଦେବେ ବୋଲି ଚେତାବନୀ ଦେଇଛନ୍ତି।



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍ ଭାବେ ଗ୍ରହଣ କରିପାରନ୍ତି ନାହିଁ।
– ଚାଣକ୍ୟ



## ସଂକ୍ଷେପରେ

### ୨୮ରେ ପାରମ୍ପରିକ ଆଦିବାସୀ ମାଘ ମଣ୍ଡେଇ



ଡାବୁଗାଁ, ୩।୨ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ମା' ଭୈରବ ମନ୍ଦିର ପ୍ରାଙ୍ଗଣରେ ପାରମ୍ପରିକ ମାଘ ମଣ୍ଡେଇ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ମାସ ୨୧ ତାରିଖରେ ମାଁ ଦୁଲ୍ଲାରଦେଇ ଯାତ୍ରା, ୨୭ରେ ବଡଯାତ୍ରା ଅନୁଷ୍ଠିତ ହେବ। ୨୮ରେ ଗୁରୁବାର ପାରମ୍ପରିକ ଆଦିବାସୀ ମାଘ ମଣ୍ଡେଇ ପର୍ବ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏଥିରେ ପ୍ରାୟ ୨୦୦ଖଣ୍ଡ ଗ୍ରାମର ଦେବୀ ଦେବତାଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯିବ । ଏଥିରେ ଯାତ୍ରା ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଅଶୋକ ସୌରା, ସମ୍ପାଦକ ପିଣ୍ଟୁ ଜେନା ଓ ଉପଦେଷ୍ଟା ଭାବେ ଏମ୍.ଆପ୍ପା ରାଓ, ଦେବରାଜ ପାତ୍ର ଓ କୈଳାସ ବିଶୋଇଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ଗ୍ରାମର ଗୁପ୍ତ ବିଶୋଇ, ଜୟନ୍ତ କୁମାର ପାତ୍ର, ପୂର୍ଣ୍ଣ ପୂଜାରୀ, ସତ୍ୟ ରଞ୍ଜନ ପାତ୍ର, କେଶବ ରେଲି, ପାପନ୍ନା ରେଲି, ଜଗନ୍ନାଥ ରେଲି, ସୁରେନ୍ଦ୍ର ରେଲି, କୁନୁ ପାତ୍ର, ବୁଲୁ ରାୟ, ଟି. ମୁରଲୀ ରାଓ, କୃପା ଗୌଡ, ମନ୍ଦିର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଧାର କେନ୍ଦ୍ର ଖୋଲିବା ପାଇଁ ଦାବି

ଚନ୍ଦାହାଣ୍ଡି,୩।୨(ଡି.ଏନ.ଏ)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେବ ଆଧାର କେନ୍ଦ୍ରଗୁଡିକ ବନ୍ଦ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ଆଧାର କାର୍ଡର ଆବଶ୍ୟକ ରହିଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକେ ନୂତନ ଆଧାର ପଞ୍ଜିକରଣ, ସଂଶୋଧନ କରିବାକୁ ୫୦ କି.ମି ଦୂର ଉମରକୋଟ ଓ ଧର୍ମଗଡ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ରାଜ୍ୟ ସରକାର ଲାଗୁ କରିଥିବା ଚାଷୀଙ୍କ ପାଇଁ କାଳିଆ ଯୋଜନାରେ ମଧ ଟଙ୍କା ପାଇବା ପାଇଁ ଆଧାର କାର୍ଡ ଆବଶ୍ୟକ ପଡୁଛି। ପ୍ରଶାସନ ପକ୍ଷରୁ ତହସିଲ ଅଫିସ ଠାରେ ଖୋଲାଯାଇଥିବା ଆଧାର କେନ୍ଦ୍ର ମଧ ବନ୍ଦ ହୋଇଯାଇଥିବାରୁ ଜନସାଧାରଣ ଦୂରଦୂରାନ୍ତରୁ ଛୋଟ ଛୋଟ ଛୁଆମାନଙ୍କୁ ଧରି ଆସି ହଇରାଣରେ ସମ୍ମୁଖୀନ ହେଉଛନ୍ତି। ନବରଙ୍ଗପୁର ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆଧାର କେନ୍ଦ୍ର ଖୋଲିବା ପାଇଁ ଦାବି ହେଉଛି।

### ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତାଙ୍କ ନାମ ଘୋଷଣା

ନବରଙ୍ଗପୁର,୩।୨(ବି.ପ୍ର.): ନବରଙ୍ଗପୁର ଜିଲା ବିଜୁ ଯୁବ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ତେନ୍ତୁଳିଖୁଣ୍ଟି ବ୍ଲକର ଜିଲାପରିଷଦ ଜୋନ -୧ ସଭାପତି ଭାବେ ବିକ୍ରମ କୁମାର ପ୍ରଧାନୀ, ଜୋନ ୨ ସଭାପତି ଲଚମନ ମାଝୀ ଓ ୧୫ଟି ଗ୍ରାମପଞ୍ଚାୟତର ସଭାପତିଙ୍କ ନାମ ଘୋଷଣା କରାଯାଇଛି । କୋଷାଗୁମୁଡା ବ୍ଲକ ଜିଲାପରିଷଦ ଜୋନ ୧ର ସଭାପତି ଭକ୍ତି ଭତ୍ରା, ଜେନା ୨ର ସଭାପତି ରାଜ କିଶୋର ଲେଙ୍କା, ଜୋନ ୩ର ଫିରୋଜ କୁମାର ନାୟକ, ସମେତ ୧୧ଟି ପଞ୍ଚାୟତର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ନନ୍ଦାହାଣ୍ଡି ବ୍ଲକ ଜୋନ ୧ରୁ ସଭାପତି ମାଧବ ରଜକ, ଜୋନ ୨ରୁ ଜତିନ ଭତ୍ରା ସମେତ ୧୧ଟି ପଞ୍ଚାତର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ସେହିଭଳି ନବରଙ୍ଗପୁର ବ୍ଲକଜୋନ ୧ର ଯୁବ ସଭାପତି ଭାବେ ରଂଜିତ ସିଂ, ଜୋନ ୨ ସଭାପତି ଭାବେ ସୁନାଧର ତନ୍ତି ସମେତ ୧୩ଟି ପଞ୍ଚାୟତର ଯୁବ ସଭାପତି ଙ୍କ ନାମ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଶିବାନନ୍ଦ ବିଷୋୟୀ ଘୋଷଣା କରିଛନ୍ତି।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

ରାଇଘର, ୩।୨(ଡି.ଏନ୍.ଏ): ନବରଙ୍ଗପୁର ଜିଲା ରାଇଘର ବ୍ଲକ କଲୋନୀ ବିଦ୍ୟାଳୟରେ ଶିକ୍ଷକ ରବୀନ୍ଦ୍ର ଘଡାଇଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସନାତନ ସ୍ମୃତି ସାହିତ୍ୟ ସଂସଦ ଓ ରାଇଘର ଶିକ୍ଷକ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ । ଅଧାପକ ଦିନବନ୍ଧୁ ନନ୍ଦୀ , ପରକ୍ଷିତ ସାହୁ , ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶିକ୍ଷକ ଅନନ୍ତ ବାରିକ, ପ୍ରଣବ ଦାଶ , ଗୌରାଙ୍ଗ ଧଳ , ଗୋପାଳ ମୁଦୁଲି, କିରଣ ମହାପାତ୍ର, ଶିକ୍ଷୟତ୍ରୀ ମନୋରମା ମହାପାତ୍ର,ଗୁରୁଦାସୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ନବରଙ୍ଗପୁର ଜିଲା ଜଣେ ମଞ୍ଚ କଳାକାର, ନାଟ୍ୟ ନିର୍ଦ୍ଦେଶକ ତଥା ଆଦର୍ଶ ଶିକ୍ଷକଙ୍କୁ ହରାଇଲା ବୋଲି ବକ୍ତା ନିଜର ଅଭିମତ ପ୍ରଦାନ କରିଥିଲେ ।

# ଏଏନ୍ଏମ୍ ପରୀକ୍ଷାର୍ଥୀଙ୍କ ଧାରଣା

ନବରଙ୍ଗପୁର,୩।୨(ବି.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ସ୍କୁଲ ଅଫ ନର୍ସିଂର ଏଏନଏମ ଛାତ୍ରୀମାନଙ୍କ ବାର୍ଷିକ ପରୀକ୍ଷା କେନ୍ଦ୍ର ନବରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଛି। ଶନିବାର ପ୍ରଥମ ବର୍ଷ ଛାତ୍ରୀମାନେ ପୂର୍ବାହ୍ନ ୧୦ଟାରୁ ୨ଟା ଓ ଦ୍ୱିତୀୟ ବର୍ଷ ଛାତ୍ରୀମାନେ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଦେଇଥିଲେ । ପରୀକ୍ଷା ଶେଷ ହେବା ୧୦ ମିନିଟ ପୂର୍ବରୁ ଉତ୍ତର ପତ୍ର ଟାଣି ନେବା, କପି ଓ ରୋଲନମ୍ବର ଯାଞ୍ଚ ଆଳରେ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦୁର୍ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ ଆଣିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଛାତ୍ରୀମାନେ ରବିବାର ଧାରଣାରେ ବସିଛନ୍ତି। ଏଥିସହ ଏକ ଲିଖିତ ଅଭିଯୋଗ ପତ୍ର ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀଙ୍କୁ ପ୍ରଦାନ କରିଛନ୍ତି। ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ତଥା ସହକାରୀ ଜିଲାପାଳ ମଧୁସୂଦନ ମାଝିଙ୍କ ନିଲମ୍ବନ ଦାବି କରିବା ସହ ତାଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ଜିଦ ଧରି ବସିଛନ୍ତି। ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟିତ୍ୱରୁ ହଟାଇ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯିବ ଓ ୩ ଜଣ ମହିଳା କନଷ୍ଟେବଳ ମଧ ଡ୍ୟୁଟିରେ ରହିବେ । ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବା ବ୍ୟବସ୍ଥା ଗ୍ରହଣ କରାଯିବ । ଧାରଣାରୁ ଉଠିବା ପାଇଁ ଛାତ୍ରୀମାନଙ୍କୁ ଅତିରିକ୍ତ ଜିଲାପାଳ ସେଠୀ ବୁଝାଇଥିଲେ । ତଥାପି ଛାତ୍ରୀମାନେ ନିଜ ଜିଦରେ ଅଟଳ ରହି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଶୀତ କାକରରେ ବସିଛନ୍ତି । ଛାତ୍ରୀମାନଙ୍କ ସହ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, କଂଗ୍ରେସ ଜିଲା ସମ୍ପାଦକ ପ୍ରଦୀପ ସାହୁ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦା ତ୍ରିପାଠୀ, ଭାଜପାର ଗୌରୀ ମାଝି, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାସ, ସମ୍ପାଦକ ମୃତ୍ୟୁଞ୍ଜୟ ମହାରଣା, ନଗର ମୋର୍ଚ୍ଚା ସଭାପତି ସୁବ୍ରତ ମିଶ୍ର, ଲୋକସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାଜ ଇମାରନ ସରିଫ, କୁନା ପାଢୀ, ନବରଙ୍ଗପୁର ମାଆ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ, ସଭ୍ୟା ଶୈଳବାଳା ପଣ୍ଡା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ନବରଙ୍ଗପୁର ଉପଜିଲାପାଳ କରୁଣାକର ରାଇକା, ଥାନା ଅଧିକାରୀ ପ୍ରଭାଶଙ୍କର ନାୟକ, ଏସଆଇ ସୁଚିତ୍ରା ଜୟସିଂ, ନିଳିମା ପାଣିଗ୍ରାହୀ, ଏସଆଇ ଗୋଲାପି ଜାନୀ ଛାତ୍ରୀମାନଙ୍କୁ ଧାରଣରୁ ଉଠିଯିବା ପାଇଁ ବୁଝାସୁଝା କରିଥିଲେ । ଏଥିସହ ନବରଙ୍ଗପୁର ଥାନାରେ ମଧ ଆନ୍ଦୋଳନକାରୀ ଛାତ୍ରୀମାନେ ଏକ ଅଭିଯୋଗ କରିଥିଲେ । ଜଣେ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ନଂ.୨୨/୧୯ରେ ଏକ ମାମଲା ରୁଜୁ ହୋଇଛି । ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ପ୍ରଭାଶଙ୍କର ନାୟକ କହିଛନ୍ତି। ମାମଲା ରୁଜୁ ପରେ ଛାତ୍ରୀମାନେ ଧାରଣାରୁ ହଟିଥିଲେ। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ତଥା ସହକାରୀ ଜିଲାପାଳ ମଧୁସୂଦନ ମାଝୀଙ୍କୁ ପଚାରିବାରୁ ଛାତ୍ରୀମାନଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଗୋଟିଏ ବ୍ୟକ୍ତିର ହାତଲେଖାର କାର୍ବନ କପି ଧରି ଛାତ୍ରୀମାନେ କପି କରୁଥିଲେ। କପି କରିବାକୁ ସୁଯୋଗ ନ ଦେବାରୁ ଛାତ୍ରୀମାନେ ଏଭଳି ଅଭିଯୋଗ କରିଛନ୍ତି।



ଛାତ୍ରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି।

- ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟିତ୍ୱରୁ ହଟାଇବାକୁ ଦାବି
- ଥାନାରେ ମାମଲା ରୁଜୁ ପରେ ଧାରଣାରୁ ହଟିଲେ ଛାତ୍ରୀ
- ଛାତ୍ରୀଙ୍କ ଅଭିଯୋଗକୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ଖଣ୍ଡନ

# ପାନୀୟଜଳ ସମସ୍ୟା: ସମାଧାନ ପାଇଁ ଦାବି

ଡାବୁଗାଁ,୩।୨(ଡି.ଏନ.ଏ.)

ଖରା ଦିନ ନ ଆସୁନୁ ପାନୀୟଜଳର ସମସ୍ୟା ଭୋଗୁଛନ୍ତି ଲୋକେ । ଏପରି ସମସ୍ୟା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଡ଼ଙ୍ଗରିଗୁଡା ପଞ୍ଚାୟତ ଅଧୀନ ଜୟନ୍ତୀନଗର ଗ୍ରାମର ୫ ନଂ ୱାର୍ଡରେ । ଏହି ୱାର୍ଡରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି । ଜନସଂଖ୍ୟା ପ୍ରାୟ୧୫୦ ରୁ ଉର୍ଦ୍ଧ୍ୱ ହେବ । ଏହି ୱାର୍ଡର ଲୋକେ ପ୍ରାୟ ୧ କିମି ଦୂର ଭରତୁଗୁଡା ଛକରେ ଥିବା ଏକ ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଉକ୍ତ ନଳକୂପରୁ କମ ପାଣି ବାହାରୁଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇବା ସତ୍ତ୍ୱେ ମଧ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଉନଥିବା ଗ୍ରାମବାସୀମାନେ କହିଛନ୍ତି । ଉକ୍ତ ୱାର୍ଡରେ ଏକ ନଳକୂପ ଖନନ କରିବା ପାଇଁ ଗ୍ରାମର ଅର୍ଚ୍ଚନା ପାତ୍ର, ପୂର୍ଣ୍ଣିମା ଗଣ୍ଡ, କାନ୍ତି ମାଝୀ, କନକ ସାନ୍ତା, ଚଇତି ସାନ୍ତା, ମଞ୍ଜୁଲତା ମହାନ୍ତି, ବବିତା ମହାନ୍ତି, ଲକ୍ଷ୍ମୀ ବେହେରା, ଗୁଲାପି ବେହେରା, ସୁନିତା ସେନାପତି, ଗୁରୁବାରି ସାନ୍ତା, ଆଇତି ସାନ୍ତା, କମଳା ସାନ୍ତା, କାଳିମଣି ସାନ୍ତା, ଦୀପାଇ ସାନ୍ତା ଓ କନେଇ ସାନ୍ତା ପ୍ରମୁଖ ମହିଳାମାନେ ଦାବି କରିଛନ୍ତି ।



ମହିଳାମାନେ ପାନୀୟ ଜଳ ସମସ୍ୟା ସମ୍ପର୍କରେ କହୁଛନ୍ତି।




ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ■ ଜିଲାସ୍ତରୀୟ ଶିକ୍ଷା ସମ୍ପର୍କିତ କର୍ମଶାଳା

# ପିଲାଙ୍କ ଶିକ୍ଷା ପାଇଁ ଅଭିଭାବକଙ୍କ ରହିଛି ଗୁରୁଦାୟିତ୍ୱ

ନବରଙ୍ଗପୁର,୩।୨(ବି.ପ୍ର.)

ସବୁ ଦିନ ପିଲାମାନେ ସ୍କୁଲ ଆସିବେ । ଲୋକ କଳାସଂଘ ଓ ଜିଲା ଅଧିକାରୀମାନଙ୍କୁ ନେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ଶିକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳା ଉଦଘାଟନ କରିଥିଲେ । ଜିଲାର ସମସ୍ତ ପିଲାମାନେ ଯେଭଳି ଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ସମସ୍ତ ୬ରୁ ୧୪ ବର୍ଷ ପିଲା କିଭଳି ବିଦ୍ୟାଳୟକୁ ଆସିବେ ଓ ଶତ ପ୍ରତିଶତ ଉପସ୍ଥାପନ ବଢିବ ସେ ନେଇ ପରାମର୍ଶ ଦେଇଥିଲେ । ପିଲାମାନେ ବିଦ୍ୟାଳୟକୁ କିଭଳି ଯିବାକୁ ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି କଳାକାରମାନେ ବିଭିନ୍ନ ନାଚ ଗୀତ ମାଧ୍ୟମରେ ସଚେତନତା କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ରାଜ୍ୟ ସଂସ୍କୃତି ବିଭାଗର ସଂଯୋଜକ ବାସୁଦେବ ବିଷୋୟୀ ଯୋଗ ଦେଇ ପାଠ ଛାଡିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ କିଭଳି ପୁନଃର୍ବାର ବିଦ୍ୟାଳୟକୁ ଫେରାଇ ଅଣାଯିବ ସେଥିପ୍ରତି ପଦକ୍ଷେପ ନେବାକୁ କହିଥିଲେ । ସବୁ ପିଲାକୁ ନିଶ୍ଚିତ ଶିକ୍ଷାଦାନ ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଥିବା କହିଥିଲେ । ମୋସ୍କୁଲ ଯୋଜନାରେ ପୁରାତନ ଛାତ୍ରୀଛାତ୍ରମାନେ ସଂପୃକ୍ତ ବିଦ୍ୟାଳୟର ଉନ୍ନତି ପାଇଁ ଧ୍ୟାନ ଦେବାକୁ କହିଥିଲେ । ଜିଲା ଓ ବ୍ଲକସ୍ତରୀୟ କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ଗାଁକୁ ଯାଇ ଶିକ୍ଷା ସମ୍ପର୍କରେ ସଚେନତା କରାଯିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀ ଯୋଗ ଦେଇ ଜିଲାର ପ୍ରାଥମିକ ଶିକ୍ଷାର ବିକାଶର ଆବଶ୍ୟକତା ସମ୍ପର୍କରେ କହିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକର ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଓ ବ୍ଲକ କଳାସଂଘର କର୍ମକର୍ତ୍ତା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ବାର୍ଷିକ ଅଭିଭାବକ ସମ୍ମିଳନୀ

ନବରଙ୍ଗପୁର,୩।୨(ବି.ପ୍ର.)

ସ୍ଥାନୀୟ ଇଂଲିସ ମିଡିୟମ ଶିକ୍ଷାନୁଷ୍ଠାନ ଟାଇନି ଟଟ୍ସ ପବ୍ଲିକ ସ୍କୁଲର ବାର୍ଷିକ ଅବିଭାବକ ସମ୍ମିଳନୀ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ତା'ର ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପୁଷ୍ପାଂଜଳୀ ମହାନ୍ତି , ସିଆରସିସି ଅମିତ ଦିନ ଡାନିଏଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଜଗଦିଶ ଦାସ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ରୀନା ପଟ୍ଟନାୟକ ଅଧକ୍ଷତା କରିଥିଲେ । ଜିଲା ଆଇନଜୀବୀ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର, ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧକ୍ଷା ମଞ୍ଜୁଳା ମାଝୀ ସମେତ ଅବିଭାବକ ଛାତ୍ରୀଛାତ୍ର ପ୍ରମୂଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ଅସଙ୍ଗତିକୁ ବିରୋଧ

ନବରଙ୍ଗପୁର,୩।୨(ଡି.ଏନ.ଏ.)

ଜିଲାରେ ଗତ ୨୦୦୬ ମସିହାରେ ୫୦ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଛନ୍ତି। ୨୦୧୪ ମସିହାରେ ରାଜ୍ୟ ସରକାରଙ୍କ ଏକ କମିଟିର ଅନୁମୋଦନ କ୍ରମେ ଚିଠି ନଂ ୧୨୫୦୦/ଏଚ ଅନୁଯାୟୀ ୨୦୧୪ ମେ ୧୨ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜିଲାର ସମସ୍ତ ୬ବର୍ଷ ପୂରଣ କରିଥିବା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିୟମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୪ ମେ ୨୮ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଚିଠି ନଂ ୩୦୧୫/୧୪ ଅନୁସାରେ ଅଣତାଲିମ ପ୍ରାପ୍ତ ଦରମା ଆଧାରରେ ୫୨୦୦ ସ୍କେଲ ଓ ୨୦୦୦ ଗ୍ରେଡପେରେ ୨୭ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟମିତ କରିଥିଲେ । ବର୍ତ୍ତମାନ ସେମାନେ ୨୦,୫୦୦ଟଙ୍କା ସ୍ଲାବରେ ଦରମା ପାଉଛନ୍ତି। ଏହି ବିଷୟରେ ଗତ ୨୦୧୬ ମାର୍ଚ୍ଚ ୩ ତାରିଖରେ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଓ ୨୦୧୮ ଡିସେମ୍ବର ୧୦ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗକୁ ଅବଗତ କରଯାଇଥିବା ସତ୍ତ୍ୱେ ସେମାନଙ୍କୁ ତାଲିମ ଦିଆଯାଉ ନାହିଁ କି ସେମାନଙ୍କର ଦରମା ସଂଶୋଧନ କରାଯାଉନାହିଁ । ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଚିଠି ନଂ ୭୬୩/୧୯ ଅନୁଯାୟ ୨୦୧୯ ଜାନୁୟାରୀ ୨୮ ତାରିଖରେ ଗତ ୨୦୧୧ରେ ଜିଲାରେ ନିଯୁକ୍ତି ପାଇଥିବା ୩୨ଜଣ ସ୍ୱାସ୍ଥ୍ୟକର୍ମୀ ଙ୍କୁ ୫୨୦୦ସ୍କେଲ ଓ ୨୦୦୦ ଗ୍ରେଡପେରେ ନିୟମିତ କରାଗଲା । ବର୍ତ୍ତମାନ ସେମାନେ ମାସିକ ୨୧,୭୦୦ ସ୍ଲାବରେ ଦରମା ପାଇବେ। ତେବେ ଗୋଟିଏ ପଦବୀରେ ନିଯୁକ୍ତି ପାଇ ସମାନ କାମ କରି ୨୦୧୭ରେ ନିୟମିତ ହୋଇଥିବା ସ୍ୱାସ୍ଥ୍ୟକର୍ମୀ ୪ବର୍ଷ ପୂର୍ବରୁ ୨୦୧୩ରେ ନିୟମିତ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ଆନୁମାନିକ ୨ହଜାର ଟଙ୍କା ଅଧିକ ଦରମା ପାଇବେ। ସରକାରଙ୍କ ଏହିଭଳି ନିତି ଯୋଗୁଁ ଆର୍ଥିକ ଓ ମାନସିକ ଭାବେ କ୍ଷତି ହେଉଥିବା ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଂଘର କର୍ମକର୍ତ୍ତା ଜିତେନ୍ଦ୍ର ଭତରା, ସନ୍ତୋଷ ସାହୁ, ବି, ସୁବାଷ ,ଶାନ୍ତନୁ ପାତ୍ର, ଦୀପକ ସାହୁ, ଗଣେଷ ସୁନ୍ଦରରାୟ, ସରୋଜ ମିଶ୍ର ପ୍ରମୁଖ କହିଛନ୍ତି।

# ଉତ୍କଳ ବାଳାଶ୍ରମ ଛାତ୍ରଙ୍କ ତୀରଥଗଡ଼ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ

ନବରଙ୍ଗପୁର,୩।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡା ଉତ୍କଳ ବାଳାଶ୍ରମର ୭୩ ଛାତ୍ରଙ୍କୁ ପ୍ରଶାସନ ପକ୍ଷରୁ ଛତିଶଗଡ ସ୍ଥିତ ତୀରଥଗଡ ଜଳପ୍ରପାତ ପରିଦର୍ଶନ କରାଯାଇଛି। ସେଠାରେ ପିଲାମାନେ ପ୍ରକୃତିର ମନଲୋଭା ଦୃଶ୍ୟକୁ ମନଭରି ଉପଭୋଗ କରିଥିଲେ। ଏଥିସହ ଆଖପାଖ ଅଞ୍ଚଳର ସବୁଜିମା ଜଙ୍ଗଲ ପିଲାଙ୍କୁ ଆକୃଷ୍ଟ କରିଥିଲା।। ପିଲାମାନେ ଏହା ଦେଖି ଆନନ୍ଦିତ ହୋଇଥିଲେ । ଏହି ପରିଦର୍ଶନରେ ଗାଇଡ ଭାବେ ପ୍ରଶାସନ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ବିଜୟ ଚୌଧୁରୀ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଭ୍ୟ ସିଦ୍ଧାର୍ଥ ବେହେରା, ପରିବିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ମାଝୀ, ବାଳାଶ୍ରମର ଶ୍ରୀପତି ଶତପଥି, ରାମକୃଷ୍ଣ ସାବତ, ଅସିତ ଆଚାର୍ଯ୍ୟ, ନୀଳ ମହାପାତ୍ର ପ୍ରମୂଖ ରହିଥିଲେ ।



ପର୍ଯ୍ୟଟନସ୍ଥଳୀ ପରିଦର୍ଶନରେ ଆସିଥିବା ବାଳାଶ୍ରମର ଛାତ୍ରମାନେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି କାଗଜ ଠୁଙ୍ଗା

ରାଇଘର, ୩।୨ ((ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତର ସଦରମହକୁମାରେ ଥିବା କାଳିସୁନ୍ଦରୀ ସାହିର ମହିଳାମାନେ କାଗଜରେ ଠୁଙ୍ଗା ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି। କାଳିସୁନ୍ଦରୀ ସାହିରେ ମା' କାଳୀ ଓ ମା' ମଙ୍ଗଳା ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛି। ଏହି ଗୋଷ୍ଠୀର ସଦସ୍ୟାମାନେ ବଜାରରୁ ଖବରକାଗଜ ସଂଗ୍ରହ କରିଥାନ୍ତି। ମହିଳାମାନେ ଘରୋଇ କାମ ସାରି ଦିନରେ ପ୍ରାୟ ୩ ଘଣ୍ଟା ଠୁଙ୍ଗା ତିଆରି କରିଥାନ୍ତି। ମହିଳାମାନେ କିଛି ରୋଜଗାର କରିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହାଦ୍ୱାରା ମହିଳାମାନେ ପରୋକ୍ଷରେ ରାଇଘରକୁ ପଲିଥିନ ମୁକ୍ତ କରିବାରେ ସହାୟତା କରୁଛନ୍ତି। ସରକାର ପଲିଥିନ୍ ମୁକ୍ତ ପାଇଁ ବାରମ୍ବାର ପ୍ରଚାର ପ୍ରସାର କରୁଥିଲେ ମଧ ରାଇଘରରେ ପଲିଥିନ୍ ବନ୍ଦ ହେଉନାହିଁ । ଏପରିକି ଗାଈ ଗୋରୁ ବଜାରରେ ବୁଲି ପଲିଥିନ୍ ଖାଇ ପେଟ ଫୁଲାଇ ମରିଯାଉଛନ୍ତି । ଏହିପରି ଅନେକ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଦୁଇ ଗୋଷ୍ଠୀର ସଦସ୍ୟା କିଛି ସାହି ଲୋକଙ୍କ ସାହାଯ୍ୟରେ କାଗଜରେ ଠୁଙ୍ଗା ତିଆରି କରିବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ଗୋଷ୍ଠୀର ଧରିତ୍ରୀ ପଟ୍ଟନାୟକ, ବିନି ଡାକୁଆ ଓ ସାରିକା ସାମନ୍ତରାୟ କହିଛନ୍ତି । କାଗଜରେ ଅଧିକା ଠୁଙ୍ଗା ତିଆରୀ କରି ଆମେ ରାଇଘର ବଜାରର ସବୁ ଦୋକାନ କାଗଜ ଠୁଙ୍ଗା ଦେଇ ପଲିଥିନ୍ ମୁକ୍ତ କରାଇବା ପାଇଁ ପ୍ରୟାସ କରିବୁ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି । ଏଥିସହ ବେକାରରେ ସମୟ ନଷ୍ଟ ନ କରି କିଛି ରୋଜଗାର କରିବା ସହ ଗୋଷ୍ଠୀର ସମସ୍ତ ଭଉଣୀ ଗୋଟିଏ ସ୍ଥାନରେ ବସିବା ସହ ସୁଖଦୁଖର ଆଦାନ ପ୍ରଦାନ ହୋଇ ପାରିଛି ବୋଲି କହିଥିଲେ। ମା' ମଙ୍ଗଳା ଗୋଷ୍ଠୀର ସଭାପତି ପ୍ରମିଳା ସାମନ୍ତରାୟ, ସମ୍ପାଦିକା ସି.ଉମା ମୂର୍ତ୍ତୀ ଓ ମା'କାଳୀ ସଂଘ ସହାୟିକା ଗୋଷ୍ଠୀର ସଭାପତି ଇନ୍ଦ୍ରା ପଟ୍ଟନାୟକ ରହିଥିବା ବେଳେ ସମ୍ପାଦିକା ସୁଶିଳା ଦେବତା ରହିଛନ୍ତି । ଏହି ଦୁଇ ଗୋଷ୍ଠୀର ସରୋଜିନୀ ପଟ୍ଟନାୟକ, ବେବିନା, ଜିନ୍ନା, ନନ୍ଦିନୀ, ଅମ୍ବିକା, ଲୁସି, ବିଷ୍ଣୁ ବେହେରା ଓ ସୁ ଡାକୁଆଙ୍କ ସମେତ ବହୁ ମହିଳା ଠୁଙ୍ଗା ତିଆରୀ କରୁଥିବା ଦେଖିବାକୁ ମିଳିଥିଲା ।

## ପଲିଥିନ ମୁକ୍ତ କରିବାକୁ ପ୍ରୟାସ



ମହିଳାମାନେ କାଗଜରେ ଠୁଙ୍ଗା ତିଆରି କରୁଛନ୍ତି।

## ସଂକ୍ଷେପରେ



### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଘରୁ ଚୋରି

**ରାୟଗଡା ଅଫିସ୍, ୩।୨:** ରାୟଗଡା ସହରର ଅଶୋକ ନଗରରେ ରହୁଥିବା ରାୟଗଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜିତ କୁମାର ହୋତାଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି । ସେ ଏକ ଘରୋଇ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ଯାଇଥିବା ବେଳେ ଚୋରି ହୋଇଥିବା ଜଣାପଡିଛି । ଚୋରମାନେ ଘରେ କେହି ନ ଥିବା ଦେଖି ତାଲା ଭାଙ୍ଗି ଭିତରେ ପଶିଥିଲେ । ପରେ ଆଲମାରୀକୁ ତାଡି ନଗଦ ୫୦ ହଜାର ଟଙ୍କା ଓ ୫ ଭରି ସୁନା ଚୋରି କରି ନେଇଯାଇଥିଲେ । ଅଜିତ୍ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ପରେ ଏ ନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏସ୍‌ପି ରାହୁଲ ପିଆର୍, ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଏକ ସନ୍ଧାନୀ କୁକୁର ସାହାଯ୍ୟରେ ମଧ ତଦନ୍ତ କରାଯାଇଛି । କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଡକାଯାଇଛି ଓ ଚୋରକୁ ଧରାଯିବ ବୋଲି ଥାନାଧିକାରୀ ଭତ୍ରା କହିଛନ୍ତି ।

### କେସିସି ବ୍ୟାଙ୍କ ଏଟିଏମ୍ ସେବା ଉଦ୍‌ଘାଟିତ



**ମୁନିଗୁଡ଼ା,୩।୨(ଡ଼ି.ଏନ.ଏ):** ମୁନିଗୁଡ଼ାଠାରେ ରବିବାର କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଜୟପୁର ତରଫରୁ ଏଟିଏମ୍ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଶାଖା ପ୍ରବନ୍ଧକ ଭବାନୀ ପ୍ରସାଦ ପାତ୍ରଙ୍କ ସଂଯୋଜିତ୍ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ସମିତି ସମୂହ ନିବନ୍ଧକ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡଃ ତ୍ରିବିକ୍ରମ ପ୍ରଧାନ, କେସିସିବି ଜୟପୁର ସଭାନେତ୍ରୀ ଡଃ ଇନ୍ଦିରା ନନ୍ଦ, ରାଜ୍ୟ ସମବାୟ ସମିତି ମହାସଂଘ ସଭାପତି ହେମନ୍ତ ନାୟକ, ସଦସ୍ୟ ଶିରି କୁମ୍ଭୁକା, ଓଡ଼ିଶା ସମବାୟ ସେବା ଅଧିକାରୀ ଉପନିବନ୍ଧକ ମେରିଜନ ବାଗେ, ସମ୍ପାଦକ ଅନନ୍ତ କୁମାର ସାମଲ ପ୍ରମୁଖ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ୟାଙ୍କ ନିର୍ଦ୍ଦେଶକ ରାଜକିଶୋର ନାୟକ, ରାଜେଶ ଜାନୀ, ଉପନିବନ୍ଧକ ଭକ୍ତବନ୍ଧୁ ସାହୁ, ଲକ୍ଷ୍ମୀକାନ୍ତ ନାୟକ, ଶମ୍ଭୁଚରଣ ଦଳବେହେରା, ନବୀନ ବେହେରା, ଶିବଶଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ବନ୍ଦ ହେଲା ପଦ୍ମପୁର ଓଡ଼ିଆ ଦୂରଦର୍ଶନ କେନ୍ଦ୍ର

**ପଦ୍ମପୁର, ୩।୨ (ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଦ୍ୱାରା ଦୀର୍ଘ ୩୨ ବର୍ଷ ଧରି ପଦ୍ମପୁର ଅଞ୍ଚଳରେ ସେବା ଯୋଗାଉଥିବା ଓଡ଼ିଆ ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ କରି ଦିଆଯାଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଦୀର୍ଘ ବର୍ଷ ପରେ ଏହାକୁ କାହିଁକି ବନ୍ଦ କରାଗଲା ତାହା ଏବେ ଲୋକଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିଛି ।

୧୯୮୭ ଜୁଲାଇ ୮ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ପଦ୍ମପୁରସ୍ଥିତ ଜଗମଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିର ପାହାଡ ଶୀର୍ଷରେ ଦୂରଦର୍ଶନର ଟାୱାର ଓ ଉଚ୍ଚ କ୍ଷମତାସମ୍ପନ୍ନ (୧୦୦ ୱାଟ୍ ରିଲେ ଟ୍ରାନ୍ସମିଟର) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୧୯୯୪ ସେପ୍ଟେମ୍ବର ୧ ତାରିଖରେ ଏହି କେନ୍ଦ୍ରରୁ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦିଆଗଲା । ସେ ସମୟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ତଥା ଢେଙ୍କାନାଳର ସେତେବେଳର ଏମ୍‌ପି କାମାକ୍ଷା ପ୍ରସାଦ ସିଂ ଦେଓଙ୍କ ଉଦ୍ୟମରେ ଏହା ପ୍ରତିଷ୍ଠା କରାଯାଇଥିଲା । କିଛି ବର୍ଷର ବ୍ୟବଧାନ ପରେ ଏହାର ଅଫିସ୍ ପଦ୍ମପୁର ବଡ଼ନାଳ କଲୋନୀଠାରେ ସ୍ଥାପନ କରାଗଲା । ଜଗମଣ୍ଡା ପାହାଡ ଉପରେ ଥିବା ଅଫିସ ଓ ଟ୍ରାନ୍ସଫର୍ମର ଓ ସବୁ ଯନ୍ତ୍ରପାତିକୁ ଏଠାକୁ ଅଣାଗଲା । ୨୦୧୮ ପର୍ଯ୍ୟନ୍ତ ଏହିଠାରେ ଅଫିସ ଚାଲିଲା । ଏଥିରେ ବୈଷୟିକ ତ୍ରୁଟି ଦେଖାଦେବା ସହ ଏହାର ଟାୱାର ବର୍ଷା ପବନରେ ଭାଙ୍ଗିଗଲା । ଭବାନୀପାଟଣାରୁ ଇଞ୍ଜିନିୟରମାନେ ଆସି ଏହାକୁ ମରାମତି କଲେ । ହେଲେ ଭାରତ ସରକାରଙ୍କ ତରଫରୁ ୨୦୧୮ ନଭେମ୍ବର ୧୫ ତାରିଖରେ ଏହାକୁ ବନ୍ଦ କରିବା ଲାଗି ଆଦେଶ ଆସିଲା । ବର୍ତ୍ତମାନ ଏହା ବନ୍ଦ ହୋଇଯାଇଛି । ଏନେଇ କେନ୍ଦ୍ରର ପଦ୍ମପୁର ଦାୟିତ୍ୱରେ ଥିବା ଇଞ୍ଜିନିୟର ଭି.ଏଲ୍.ଏନ୍. ପଟ୍ଟନାୟକଙ୍କୁ ପଚାରିବାରୁ, ଭାରତ ସରକାରଙ୍କ ତରଫରୁ ନୂଆ ଡିଜିଟାଲ ସିଷ୍ଟମ ପାଇଁ ଏସବୁ ବନ୍ଦ କରାଯାଇଛି । ପଦ୍ମପୁର ଅଞ୍ଚଳରେ ନୂଆ ଡିଜିଟାଲ ଟ୍ରାନ୍ସଫର୍ମର ବସାଇବାକୁ କୌଣସି ନିର୍ଦ୍ଦେଶ ଆସିନାହିଁ । ତେଣୁ ଏଠାକାର ଦାୟିତ୍ୱରେ ଥିବା ଇଞ୍ଜିନିୟର, ଟେକ୍ନିସିଆନ୍ ଓ କର୍ମଚାରୀ କେଉଁଠାକୁ ଯିବେ ତାହା ଏବେ ମଧ୍ୟ ଜଣାପଡିନାହିଁ ବୋଲି ସେ କହିଛନ୍ତି । ତେଣୁ କେନ୍ଦ୍ର ସରକାର ଏଠାରେ ଡିଜିଟାଲ ଟ୍ରାନ୍ସଫରମର ନିର୍ମାଣ ସହ ପୁନର୍ବାର ଏହି ଦୂରଦର୍ଶନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ବନ୍ଦ ହୋଇପଡ଼ିଥିବା ଦୂରଦର୍ଶନ କେନ୍ଦ୍ର ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ସିଆରପିଏଫର ପ୍ରତିଷ୍ଠା ଦିବସ

**ରାୟଗଡା ଅଫିସ୍, ୩।୨**

ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍‌ର ୬୨ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ପୋଲିସ ଡିଆଇଜି ଏସ୍.ଡି ପାଣ୍ଡେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଚତୁର୍ଥ ବାଟାଲିୟନ୍ କମାଣ୍ଡାଣ୍ଟ ୱାଇ.କେ ରାଜପୁତ, ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ଏନ୍.କେ ସିଂ, ୬୮ତମ ବାଟାଲିୟନ କମାଣ୍ଡାଣ୍ଟ ଯୋଗୀନ୍ଦର ଅଗ୍ରୱାଲ, ଜେକେ କାଗଜକଳ ଉପସଭାପତି ପି.କେ ସୁରୀ, ରାୟଗଡା ପୌର ପାଳିକା ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ, ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ, ଏମ୍.ଭି.ଆଇ ଶିବଶଙ୍କର ଚୌଧୁରୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମାଜ ଓ ରାଷ୍ଟ୍ରରେ ଶାନ୍ତି ରକ୍ଷା ନିମନ୍ତେ ରିଜର୍ଭ ପୋଲିସର ଅବଦାନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରେରଣା ସ୍କୁଲ, ମହିଳା ଡିଗ୍ରୀ କଲେଜ, ରାୟଗଡା, ମୁକୁନ୍ଦପୁରସ୍ଥିତ ଜଗତପୁର ଡ୍ୟାନ୍ସ ଗ୍ରୁପ୍ ଓ ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେକେଣ୍ଡ କମାଣ୍ଡାଣ୍ଟ ସୁଶୀଳ କୁମାର ଠାକୁର, ମିଠୁ ରାୟ, ଅଶୋକ କୁମାର ଏବଂ ଆର୍.ଏନ୍ ତ୍ୟାଗୀ ସିଆର୍‌ପିଏଫ୍‌ର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ କହିଥିଲେ ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୩।୨**

ରାୟଗଡା ନ୍ୟୁକଲୋନୀସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ରାୟଗଡାସ୍ଥିତ ହାଲୁଆ ତୋଟାଠାରେ ଛାତ୍ରୀଛାତ୍ର ବଣଭୋଜି କରିବା ସହ ଖେଳକୁଦ, ନାଚଗୀତ ଇତ୍ୟାଦି ଆୟୋଜନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପାତ୍ରଙ୍କ ସହ ବିଦ୍ୟାଳୟର କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ ।

## ଆଜିଠୁ ବଂଶଧାରା ବସନ୍ତ ମହୋତ୍ସବ

**ଗୁଣପୁର, ୩।୨ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ବଂଶଧାରା ବସନ୍ତ ମହୋତ୍ସବ ଲାଗି ୩ ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରବିବାର ଉଦ୍ ଯାପିତ ହୋଇଯାଇଛି । ବୃନ୍ଦାବନର ପ୍ରବଚକ ମଦନ ଗୋପାଳ ଦାସ ମହାରାଜ ଯୋଗଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ । ସୋମବାରଠାରୁ ଏହାର ମୁଖ୍ୟ ମହୋତ୍ସବ ଆରମ୍ଭ ହେବ । ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ସଭା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିଲାଗି କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁନ୍ଦର ଆଲୋକମାଳାରେ ଉତ୍ସବ ପଡିଆକୁ ସାଜସଜ୍ଜା କରାଯାଇଛି । ମିନାବଜାର ସାଙ୍ଗକୁ ବିଭିନ୍ନ ଦୋକାନ, ଫାଷ୍ଟ ଫୁଡର ସମ୍ଭାର ଭରି ରହିଛି ମେଳା ପଡିଆରେ । ଚଳିତ ବର୍ଷ ଏହି ଉତ୍ସବ ୭ମ ବର୍ଷରେ ପଦାର୍ପଣ କରିଛି । ଓଲିଉଡ କଳାକାରମାନେ ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେବେ । ଅଭିଜିତ ମଜୁମଦାର, ସତ୍ୟ ପ୍ରଧାନ, ଅମ୍ଲାନ ଦାସ, ସବିଶେଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି । ଏଥିସହ ସ୍ଥାନୀୟ କଳାକାରମାନଙ୍କ ତରଫରୁ ମେଲୋଡି ଏବଂ ନୃତ୍ୟ ପରିବେଷଣ କରାଯାଇଛି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ଗୁଣପୁର,୩।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଦୁଇଦିନ ଧରି ଚାଲିଥିବା ଅଭିଭାବକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି । ଶନିବାର ଅପରାହ୍ନରେ ଶିଶୁ ପ୍ରାରମ୍ଭଠାରୁ ୨ୟ ଶ୍ରେଣୀର ପିଲାଙ୍କ ଅଭିଭାବକ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଆଚାର୍ଯ୍ୟା ସଂଯୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଚାର୍ଯ୍ୟା ମହାଲକ୍ଷ୍ମୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ରବିବାର ୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ମମତା ସାହୁ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ପଙ୍କଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ୩ୟ ଶ୍ରେଣୀରୁ ୬ଷ୍ଠ ଶ୍ରେଣୀର ପିଲାଙ୍କ ଅଭିଭାବକ ଓ ଅପରାହ୍ନରେ ୩ୟ ପର୍ଯ୍ୟାୟର ସମ୍ମିଳନୀରେ ୭ମ ଶ୍ରେଣୀରୁ ୧୦ ଶ୍ରେଣୀର ପିଲାଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଲଳିତ ବୈଦ୍ୟଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ସଦସ୍ୟା ଅମ୍ବିକାରାଣୀ ମହାପାତ୍ର, ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋପୀନାଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଆଚାର୍ଯ୍ୟ ପରିତ୍ରାଣ ମହାପାତ୍ର ବନ୍ଦେ ମାତାରଂ ଗାନ କରିଥିବାବେଳେ ଆଚାର୍ଯ୍ୟ କରନ କଂସବେହେରା ଧନ୍ୟବାଦ ଦେଇଥିଲେ । ସମ୍ମିଳନୀରେ ଅଭିଭାବକ ଏବଂ ପରିଚାଳନା ସମିତିର କର୍ମକର୍ତ୍ତାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

## ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

**ମୁନିଗୁଡ଼ା,୩।୨(ଡ଼ି.ଏନ.ଏ)**

ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଆଗୁଳ ଏବଂ କୁମୁଡ଼ାବାଲି ପଞ୍ଚାୟତର ୧୦ଟି ଗ୍ରାମରେ ଗତ ଶନିବାର ଆମ ଗାଁ ଆମ ବିକାଶ ଯୋଜନାରେ ଗୋଷ୍ଠୀ ଗୃହ ଏବଂ ନଦୀଘାଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହାକୁ ବିଷମକଟକ ବିଧାୟକ ଜଗନ୍ନାଥ ସାରକା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କନିଷ୍ଠଯନ୍ତ୍ରୀ ଇଂ. ଜୟପ୍ରକାଶ ଭଞ୍ଜରାୟ, ନିରଞ୍ଜନ ବେହେରା, ରତନଲାଲ ଜୈନ , ପୂର୍ଣ୍ଣଚନ୍ଦ୍ର ଗୌଡ଼, ମହମ୍ମଦ ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଆଇଇଟି ବିଶ୍ୱବିଦ୍ୟାଳୟର ବିଜୟୀ ଦଳ ।

## ବାସ୍କେଟବଲ ଟୁର୍ଣାମେଣ୍ଟରେ ଜିଆଇଆଇଟି ରନର୍ସ ଅପ

**ଗୁଣପୁର,୩।୨(ଡି.ଏନ.ଏ)**

ପାରଳାଖେମୁଣ୍ଡି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ ଟୁର୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ କାନାଡାର ଜେଏନଟିୟୁ ଏବଂ ଗୁଣପୁର ଜିଆଇଆଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିଲା । ଏଥିରେ ଗୁଣପୁର ଜିଆଇଇଟି ଦଳ ରନର୍ସଅପ ହୋଇଥିଲା । ଜିଆଇଇଟି କ୍ରୀଡା ଶିକ୍ଷକ ରବୀନ୍ଦ୍ର ପଣ୍ଡା,କୋଚ ଆଶିଷ ତିୱାରୀ, ଟିମ୍ ମ୍ୟାନେଜର ଆଦିତ୍ୟ ମହାନ୍ତିଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଦଳ ଟୁର୍ଣାମେଣ୍ଟରେ ଭାଗ ନେଇଥିଲେ ।

## ଜଗନ୍ନାଥ ବାଳିକା ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି ।

**ଗୁଣପୁର,୩।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁମୁଡାସ୍ଥିତ ଜଗନ୍ନାଥ ବାଳିକା ଉଚ୍ଚବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସହ ମଙ୍ଗଳ ଅଧିକାରୀ ବିଦ୍ୟା ଭୂଷଣମହାନ୍ତି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ରାୟ ମୁଖ୍ୟବକ୍ତା, ରାମନାଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲିକ, ସମିତି ସଭ୍ୟା ବାସନ୍ତୀ ମାଣ୍ଡାଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ପ୍ରଦୀପ୍ତ କିଶୋର ନିମାଇପୁରି ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ଗଗନ ବିହାରି ଦାସ ପରିଚାଳନା କରିଥିଲେ । ସ୍କୁଲ ପ୍ରତିଷ୍ଠାତା ରାଧାକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଆରସିସି ଶିଶିର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । କ୍ରୀଡା ଶିକ୍ଷୟିତ୍ରୀ ସୁଚେତା ମିଶ୍ରଙ୍କ ନିର୍ଦ୍ଦେଶନାରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଆଦିବାସୀ ଅଧିକାର ସଚେତନତା ଶିବିର

**ରାୟଗଡା ଅଫିସ୍, ୩।୨**

ରାୟଗଡା ଜିଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂସ୍ଥାରେ କାର୍ଯ୍ୟ କରୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ ଅଧିକାର ହାସଲ ସମ୍ପର୍କିତ ଏକ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓରମାସ କାର୍ଯ୍ୟାଳୟରେ ଥିବା ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୁଲି ସରପଞ୍ଚ ହରପ୍ରସାଦ ହେପ୍ରୁକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜର ସାମାଜିକ ଦାୟିତ୍ୱ ମନେ ପକାଇ ନିଜ ଜାତି ଓ ସମ୍ପ୍ରଦାୟର ଅବହେଳିତ ଲୋକଙ୍କ ହକ୍ ଓ ଅଧିକାର ନେଇ ସଚେତନ ହୋଇ ସାଧନ କରିବାକୁ ପରାମର୍ଶ ଦେଇଥିଲେ । ଆଜିର ଆଧୁନିକ ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କୁ ସ୍ୱାର୍ଥପର କରିଦେଇଛି । ସମସ୍ତେ କେବଳ ନିଜର ସ୍ୱାର୍ଥକୁ ଆଖିରେ ରଖି ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ପାଠ ପଢୁଛନ୍ତି ଓ ଚାକିରି କରୁଛନ୍ତି । ପରିସ୍ଥିତି ଯଦି ଏମିତି ରହିବ ତେବେ ଆଦିବାସୀଙ୍କୁ ଯେତେ ସୁବିଧା ଦେଲେ ମଧ ସେମାନଙ୍କର କିଛି ଲାଭ ହେବନାହିଁ । ସମସ୍ତେ ନିଜ ନିଜ ଅଧିକାରକୁ ସଚେତନ ହୋଇ ଗଢ଼ିବା ସହ ପଛରେ ପଡିଥିବା ନିଜ ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ହେପ୍ରୁକା ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ବହିଦାର ଯୋଗଦେଇ ଆଦିବାସୀଙ୍କ ଉନ୍ନତି କ୍ଷେତ୍ରରେ ଯୁବ ସମାଜକୁ ଆଗେଇ ଆସିବା ପାଇଁ କହିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ଆଜିଠୁ ଓପେପା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ଡ଼ିପିସିଙ୍କୁ ଦେଲେ ଦାବିପତ୍ର

**ଜେକେପୁର, ୩।୨(ଡି.ଏନ୍.ଏ)**

ରାୟଗଡା ଜିଲା ଓପେପା କର୍ମଚାରୀ ସଂଘ ସ୍ଥାୟୀ ଚାକିରି ଦାବିରେ ୨ ଦିନ ଧରି କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିବ । ୪ତାରିଖରୁ ସମସ୍ତ କର୍ମଚାରୀ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ଏନେଇ ରାୟଗଡା ସର୍ବଶିକ୍ଷା ଅଭିଯାନ ଡିପିସି ଆନାସ୍ତେଶିଆ କେରକେଟାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୨୫ ବର୍ଷ ହେଲା ଓପେପା କର୍ମଚାରୀଙ୍କୁ ରାଜ୍ୟ ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ନିୟମିତ କରିବା ଦିଗରେ ଦୃଷ୍ଟି ଦେଉନାହାଁନ୍ତି । ଏନେଇ ସଂଘ ତରଫରୁ ଗତ ୨୪ ତାରିଖରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ତେଣୁ ସୋମବାରଠାରୁ ରାଜ୍ୟ ସଂଘ ଡାକରାରେ ସମସ୍ତ ରାୟଗଡା ଜିଲା ଓପେପା କର୍ମଚାରୀ ଭୁବନେଶ୍ୱରରେ ଆୟୋଜିତ ଆନ୍ଦୋଳନରେ ଯୋଗଦେବେ ବୋଲି ବୁଲୁ ସାବତ ସୂଚନା ଦେଇଛନ୍ତି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଜଗନ୍ନାଥ ବିଶ୍ୱାଳ, ଉପସଭାପତି ତଥା ଜିଲା ପେଡାଗଜି କୋଅର୍ଡିନେଟର ସନ୍ଦୀପ ପାଢ଼ୀ, ସମ୍ପାଦକ ସ୍ନେହାଶିଷ ପାଣ୍ଡା, ସୁନୀଲ ମହାନ୍ତି, ଅରୁଣ ପାଣିଗ୍ରାହୀ, ପ୍ରଦୀପ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ ।



କର୍ମଚାରୀମାନେ ଡିପିସିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଫେବୃୟାରୀ ୪/୨୦୧୯ Rayagada, Monday, February 4 / 2019

**ସଂକ୍ଷେପରେ**



## ଅନୁକୁଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

**ପାରଳାଖେମୁଣ୍ଡି, ୩।୨ (ସ୍ୱ.ପ୍ର.):** ପାରଳାଖେମୁଣ୍ଡି ସହର ଉପକଣ୍ଠ ମହେନ୍ଦ୍ର ତନୟା ନଦୀ ନିକଟସ୍ଥ ଠାକୁରବାଡିରେ ଅନୁକୁଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଭକ୍ତ ମଣ୍ଡଳୀଙ୍କୁ ନେଇ ଏକ ପ୍ରାର୍ଥନା ଓ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ସଦ୍‌ବାଣୀ ଉପରେ ଗ୍ରନ୍ଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସଂକୀର୍ତ୍ତନରେ ନଗର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଠାକୁରବାଡ଼ିରେ ପହଞ୍ଚିବାପରେ ପୀଠ ସ୍ଥଳୀରେ ଭଜନାଞ୍ଜଳୀ, ସତ୍‌ସଙ୍ଗ, ସଦାଚାର, ଯାଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୨ଟାରେ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ସଦ୍‌ବାଣୀ ଉପରେ ପ୍ରବଚନ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ନରସିଂହ ହରିଚନ୍ଦନ, ସପ୍ରତିରିତ୍ୱିକ ହରିହର ପଣ୍ଡା, ରତ୍ନାକର ସ୍ୱାଇଁ ପ୍ରମୁଖ ଯୋଗେଦଇ ଠାକୁରଙ୍କ ନୀତିବାଣୀ, ସଦାଚାର ଓ ଇଷ୍ଟ ବୃତ୍ତି ଉପରେ ଶ୍ରଦ୍ଧାଳୁଙ୍କ ମାର୍ଗ ଦର୍ଶନ କରିଥିଲେ । ପାରଳାଖେମୁଣ୍ଡି ସତ୍‌ସଙ୍ଗ ବିହାରର ସପ୍ରତିରିତ୍ୱିକ ଡ. କାହ୍ନୁ ଚରଣ ଦାଶ, ଯାଯକ ପ୍ରଶାନ୍ତ ପ୍ରଧାନ, ଗିରିଶ ଦାଶ, ଶୁଭେନ୍ଦୁ ପାଣିଗ୍ରାହୀ, ରତ୍ନାକର ପ୍ରଧାନ ପରିଚାଳନା କରିଥିଲେ। ପାରଳାଖେମୁଣ୍ଡିର ଭକ୍ତି ସଂଗୀତ ସଂସଦ କଳାକାରମାନେ ଭଜନ ପରିବେଷଣ କରିଥିଲେ। ସଙ୍ଗୀତ ସଂସଦ ସଂପାଦକ କୁଞ୍ଜବିହାରୀ ବଡକୁମାର ଏବଂ ସାଂଗଠନିକ ସଂପାଦକ ରାଜେନ୍ଦ୍ର ରଥ ଏହାକୁ ପରିଚାଳନା କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## ଚକ୍ଷୁ ପରାମର୍ଶ ଶିବିର

ବ୍ରହ୍ମପୁର ଅଫିସ୍,୩।୨:ସ୍ୱର୍ଗତ ବାସନ୍ତୀ ପାଢୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବ୍ରହ୍ମପୁର ସହର ଉପକଣ୍ଠ ଲାଠି ଗ୍ରାମ କଲ୍ୟାଣ ମଣ୍ଡପରେ ଚକ୍ଷୁ ପରାମର୍ଶ ଏବଂ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଭାସ୍କର ଜ୍ୟୋତି ସ୍ମୃତି କମିଟି ତରଫରୁ ଏହା ଆୟୋଜିତ ହୋଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡା. ନିରୁବାଳା ପଟ୍ଟନାୟକ ଏବଂ ଡା. ପ୍ରଗତି ପାଢୀ ଯୋଗ ଦେଇଥିଲେ । ବହୁ ଗ୍ରାମବାସୀ ଚକ୍ଷୁ ପରୀକ୍ଷା କରିଥିଲେ ।

# ଶତବାର୍ଷିକୀ ପାଳିବ କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲ

**ଶତବାର୍ଷିକୀ ପ୍ରସ୍ତୁତି ବୈଠକ**

■ଏପ୍ରିଲ ୨୬ରୁ ଆରମ୍ଭ ହେବ ଦୁଇଦିନିଆ ଶତବାର୍ଷିକୀ କାର୍ଯ୍ୟକ୍ରମ

■୨୦ଲକ୍ଷ ବ୍ୟୟ ଅଟକ

**ପାରଳାଖେମୁଣ୍ଡି, ୩।୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ବିକାଶ ବିଦ୍ୟା ନିକେତନ ସଭାଗୃହରେ ଗୋଷାଣୀ ବ୍ଲକ ଗୁରାଣ୍ଡି ଗ୍ରାମସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚବିଦ୍ୟାଳୟର ଶତ ବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗଜପତି ଜିଲାର ପ୍ରଥମ ମଧ ଇଂରାଜୀ ବିଦ୍ୟାଳୟଭାବେ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟ ୧୯୧୯ ଜୁଲାଇ ୨୫ରେ ପ୍ରତିଷ୍ଠା ଲାଭ କରିଥିଲା। କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବ୍ରହ୍ମପୁର ହେରାମ୍ୱଲୟ ମହାବିଦ୍ୟାଳୟ ମୁଖ୍ୟ ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସ୍କୁଲର ଶତବାର୍ଷିକୀ ଆସନ୍ତା ଏପ୍ରିଲ ୨୬ ଓ ୨୭ ତାରିଖ ଦୁଇଦିନ ବ୍ୟାପି ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ଶତବାର୍ଷିକୀ ପାଳନ ବେଳେ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେବାପାଇଁ ୮ଟି କ୍ରିୟାନୁଷ୍ଠାନ କମିଟିଗଠନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ସେଗୁଡିକ ହେଲା ଅଭ୍ୟର୍ଥନା କମିଟି, ଅର୍ଥ କମିଟି, ମଞ୍ଚ, ଅତିଥି ଯୋଗାଯୋଗ, ସାଂସ୍କୃତିକ, ଖାଦ୍ୟ, ପରିବହନ, ଆବାସ ରହିବା ଏବଂ ସ୍ମରଣୀକା କମିଟି। ଏଥିପାଇଁ ୨୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ପୁରାତନ ଛାତ୍ରମାନଙ୍କୁ ଏଥିରେ ସାମିଲ କରିବା ପାଇଁ ସେମାନଙ୍କ ସହ ଯୋଗାଯୋଗ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶତବାର୍ଷିକୀ ପାଳନର ସମସ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ସାମ୍ବାଦିକ ମାନଙ୍କୁ ସହଯୋଗ କାମନା ବୋଲି ସଭାପତି ପ୍ରତାପଚନ୍ଦ୍ର ପାତ୍ର କହିଥିଲେ। ଶତବାର୍ଷିକୀ ପାଳନ କମିଟି ସଭାପତିଭାବେ ପ୍ରତାପଚନ୍ଦ୍ର ପାତ୍ରଙ୍କୁ ମନୋନୀତ କରାଯାଇଛି। ପି. ତାରିକେଶ୍ୱରରାଓ କାର୍ଯ୍ୟକାରୀ ସଭାପତି, ବାସୁଦେବ ଦଳାଇ ସଂପାଦକ, ଜନାସୁବାସ ଚନ୍ଦ୍ର ରାଓ ଉପସଭାପତି, ବିଜୟ କୁମାର ଜେନା ପରାମର୍ଶ କମିଟି ଆବାହକ ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭ୍ୟଭାବେ ଟି.ବିଶ୍ୱନାଥ, ପି.କ୍ରିଷ୍ଣାମୂର୍ତ୍ତୀ, ହରିହର ପଣ୍ଡା, ବିନୋଦଚନ୍ଦ୍ର ଜେନା, ରଜନୀ ରାଉତ ପ୍ରମୁଖ ରହିଛନ୍ତି। ବହୁ ସଂଖ୍ୟାରେ ଏହି ବୈଠକରେ ବୁଦ୍ଧିଜୀବୀ, ପୁରାତନ ଛାତ୍ର, ଶିକ୍ଷକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ଜନା ସୁବାସ ଚନ୍ଦ୍ର ରାଓ ଏବଂ ବିଶିଷ୍ଟ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ।




■ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

# ରାଜ୍ୟରାଣୀ ଏକ୍ସପ୍ରେସ ଦୈନିକ ଚଳାଚଳ ଦାବି

**ପାରଳାଖେମୁଣ୍ଡି, ୩।୨ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ବଡରାଧାକାନ୍ତ ମଠ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ଗତ ମାସର ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ରାଉରକେଲା-ଭୁବନେଶ୍ୱର-ପାରଳାଖେମୁଣ୍ଡିକୁ ରାଜ୍ୟରାଣୀ ଏକ୍ସପ୍ରେସ ସବୁଦିନ ଚଳାଚଳ କରିବାପାଇଁ ଦାବି ହୋଇଥିଲା। ସେହିପରି ପାରଳାଖେମୁଣ୍ଡିରେ ଗୋଟିଏ ପ୍ଲାଟଫର୍ମ ରହିଛି, ଏଠାରେ ଆଉ ଦୁଇଟି ପ୍ଲାଟଫର୍ମ ତିଆରି କରିବାକୁ ସଂଘ ଦାବି କରିଛି। ପୂର୍ବରୁ ସଂଘ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ସମସ୍ତ କାଉଣ୍ଟରରେ ବରିଷ୍ଠ ନାଗରିକଙ୍କ ପାସ୍‌ବୁକ୍ ଅପ୍ ଟୁ ଡେଟ୍ ପାଇଁ ଦାବି ହୋଇଥିଲା। ବର୍ତ୍ତମାନ ତାହା ପ୍ରଚଳନ କରାଯାଇଥିବାରୁ ସଂଘ ପକ୍ଷରୁ ସନ୍ତୋଷ ଜାହିର କରାଯାଇଛି। ସେହିପରି ଭୁବନେଶ୍ୱରରୁ ପାରଳାଖେମୁଣ୍ଡିକୁ ସିଧାସଳଖ ଏକ ଫାଷ୍ଟ ପାସେଞ୍ଜର ଚଲାଇବାକୁ ସଂଘ ଦାବି କରିଛି। କାର୍ଯ୍ୟକ୍ରମରେ ସଂଘ ଉପସଭାପତି ବନମାଳୀ ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ଜଗଦିଶ ମହାପାତ୍ରଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

■ ବିଜୟନୀ ମହିଳା ସହାୟକ କେନ୍ଦ୍ର ଉଦ୍‌ଘାଟିତ

# ପାରିବାରିକ ହିଂସାର ସରଳ ସମାଧାନ ଲକ୍ଷ୍ୟ




ଏସ୍‌ପି ସହାୟକ କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

**ପାରଳାଖେମୁଣ୍ଡି, ୩।୨ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ଥାନା ପରିସରରେ କେନ୍ଦ୍ର ମହିଳା ବିକାଶ ପ୍ରତିଷ୍ଠାନ, ଆଇଡବ୍ଲ୍ୟୁଡି, ପ୍ରଭା ଚାଇଲ୍ଡ ଲାଇନର ମିଳିତ ସହଯୋଗରେ ବିଜୟନୀ ମହିଳା ସହାୟକ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏସ୍‌ପି ଅମୂଲ୍ୟ କୁମାର ଦାସ ଏହାର ଉଦ୍‌ଘାଟନ କରିଥିଲେ। ମହିଳାଙ୍କ ଉପରେ ହେଉଥିବା ଘରୋଇ ହିଂସାର ସରଳ ସମାଧାନ ଲକ୍ଷ୍ୟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଠାର ପାରିବାରିକ ହିଂସାର ବିବରଣୀ ଦେବାପରେ କେନ୍ଦ୍ର ପକ୍ଷରୁ ସମସ୍ତ ସୂଚନା ହାସଲ କରାଯିବାପରେ ସେଗୁଡିକ ବିନା ମକଦ୍ଦମାରେ କିପରି ସମାଧାନ ହେବ ସେନେଇ ପଦକ୍ଷେପ ନିଆଯିବ। ଏହା ଦ୍ୱାରା ମହିଳାମାନେ ସମାଜରେ ଆଗଭଳି ଆଉ ଅସୁରକ୍ଷିତ ମନେ କରିବେ ନାହିଁ ଏବଂ ପାରିବାରିକ ହିଂସା ମଧ କମିବାର ଯଥେଷ୍ଟ ସମ୍ଭାବନା ରହିବ। ତେବେ ଏହା ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ବୋଲି ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ମତ ଦେଇଥିଲେ। ଏହି ସହାୟକ କେନ୍ଦ୍ରରେ ସୂଚନା ପ୍ରଦାନ କରିବାପାଇଁ ପାରଳାଖେମୁଣ୍ଡି ଥାନା ପରିସରରେ ଏକ କେନ୍ଦ୍ର ରହିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହାୟକ କେନ୍ଦ୍ରର ସମ୍ପାଦିକା ମିନତି ପାଢୀ, ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ପ୍ରଭା ଚାଇଲ୍ଡ ଲାଇନର ଏ.ଆପ୍ପାରାଓ, ପାରଳାଖେମୁଣ୍ଡି ଥାନାଧିକାରୀ ବାବୁଲୀ ନାୟକ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଆଇନଜୀବୀ ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ଛାତ୍ରୀଛାତ୍ରଙ୍କୁ କୁର୍ମି ଔଷଧ ଦେବା ନେଇ ତାଲିମ କାର୍ଯ୍ୟକ୍ରମ

**ପଡିଆ, ୩।୨**

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଆଗାମୀ ୮ରେ ଜାତୀୟ କୁର୍ମି ଦିବସ ପାଳନ ହେବ। ଏହିଅବସରରେ ୧ରୁ ୧୯ ବର୍ଷ ବୟସ୍କ ବାଳିକାବାଳକଙ୍କୁ କୁର୍ମି ଔଷଧ ବିତରଣ କରାଯିବ। ଏନେଇ ଏକ ତାଲିମ କାର୍ଯ୍ୟକ୍ରମ ବିଡିଓ ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିଶୁ ମଙ୍ଗଳ ଅଧିକାରୀ ସୁଜିତ୍ ପଣ୍ଡା ଏବିଓ ବୀରେନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ରାଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଲିମରେ ଅଂଶଗ୍ରହଣ କରିଥିଲେ । କୁର୍ମି ଔଷଧ ଖାଇଲା ପରେ କେତେକ କ୍ଷେତ୍ରରେ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡୁଛନ୍ତି। ଏଥିଯୋଗୁ ଅବିଭାବକମାନେ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ମାଡ ମାରୁଛନ୍ତି। ଏହି କାର୍ଯ୍ୟ ଆମ ଦ୍ୱାରା ନ କରି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଉ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଥିଲେ। ଏହାର ଉତ୍ତରରେ ବିଡିଓ କହିଥିଲେ ଯେ, ଯଦି ଆପଣମାନେ ଏପରି କାର୍ଯ୍ୟ ନ କରିବେ ତେବେ ଆପଣଙ୍କ ସଂଘ ମାଧ୍ୟମରେ ଜିଲାପାଳଙ୍କୁ ଜଣାନ୍ତୁ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରାଯିବ। ଅନ୍ୟଥା କାର୍ଯ୍ୟକ୍ରମରେ ଯିଏ ଅବହେଳା କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଓ ପ୍ରକାଶ କରିଥିଲେ।

# ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର



ଶିବିରରେ ମଞ୍ଚାସୀନ ଅଧିକାରୀ ଓ ଲୋକ ପ୍ରତିନିଧି।

**ଗୁମ୍ମା, ୩।୨(ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ବ୍ଲକ ସଭାଗୃହରେ ୨ ଦିନିଆ ବ୍ଲକସ୍ତରୀୟ ଓଡିଶା ଲୋକସେବା ଅଧିନିୟମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ନଟବର ଗରଡ଼ା, ସହକାରୀ ଯନ୍ତ୍ରୀ କୋଦଣ୍ଡ ପାଣିଗ୍ରାହୀ, ପ୍ରାଣୀଧନ ଚିକିତ୍ସକ ରିଚା ପଣ୍ଡା, ଜିଲା ପରିଷଦ ସଭ୍ୟ ହିମାଂଶୁ ଲିମ୍ମା, ସଭ୍ୟା ପ୍ରେମିକା ରଇତ, ବିଏସ୍‌ଓଏଲ୍ ସନ୍ତୋଷ କୁମାର ଉପସ୍ଥିତ ଥିଲେ। ଅତିଥିମାନେ ଓଡ଼ିଶା ଲୋକସଭା ଅଧିନିୟମର ଆଭିମୁଖ୍ୟ, ସଂକ୍ଷିପ୍ତ ନାମ, ଫୋରମ, ସଂଜ୍ଞା, ସେବା ସମୂହ ଅଧିସୂଚନା ଅପିଲ, ଆର୍ଥିକ ଦଣ୍ଡ, ଜାତି ସାର୍ଟିଫିକେଟ, ଜମି କିଣାବିକା, ମୋଟର ଯାନ ନିୟମ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କେ.ସିଗୁରସ୍ଥିତ ଆଇଟିଆଇ ଛାତ୍ରୀଛାତ୍ର, ବିଳିକା ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# ଜିଡିଏସ୍‌କୁ ହରାଇ ଏସ୍‌ଆଇଏସ୍‌ଟିଏମ୍ ବିଜୟୀ

**ପାରଳାଖେମୁଣ୍ଡି, ୩।୨ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଆନ୍ଧ୍ର-ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଚାଲିଛି। ରବିବାର ଜିଡିଏସ୍ ଓ ଏସ୍‌ଆଇଏସ୍‌ଟିଏମ୍ ଦଳ ପରସ୍ପରକୁ ଭେଟିଥିଲେ। ଏସ୍‌ଆଇଏସ୍‌ଟିଏମ୍ ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଜିଡିଏସ୍ ଦଳ ପ୍ରଥମେ ବ୍ୟାଟିଂ କରି ୧୭.୩ ଓଭରରେ ୯୨ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ଜବାବରେ ଏସ୍‌ଆଇଏସ୍‌ଟିଏମ୍ ଦଳ ୧୫.୨ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାୟଗଡ଼(ଗଜପତି), ୩।୨(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ଶିଶିର କୁମାର ପାଢିଙ୍କ ପୌରହିତ୍ୟରେଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଲୁକେଶ ପ୍ରଧାନ, ସମ୍ପାଦକ ମାଣିକ ବେହେରା ଦଳାଇ ଉପସ୍ଥିତ ଥିଲେ। ଆର୍‌ଏସ୍‌ଏସ୍‌ର ଜିଲା କାର୍ଯ୍ୟବାହ ଜୁରୁଆ ଜାନି ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସାଦ ଘଡେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ତମ ଚରିତ୍ର, ସୁସ୍ଥ ସମାଜ ଓ ଦେଶ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ କୁନି କୁନି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ